# କାର୍ଯ୍ୟରେ ଯୋଗଦେଲେ ନୂତନ ଆଇଆଇସି

**ଧାମନଗର, ୧।୩ (ଦେବେନ୍ଦ୍ର ଆନ୍ଦିଆ)**

ଧାମନଗର ଥାନାରେ ନୂତନ ଆଇଆଇସି ଭାବେ ଗୋପାଳକୃଷ୍ଣ ଜେନା ଶୁକ୍ରବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବରୁ ଥିବା ଥାନା ଅଧିକାରୀ ଫନୀନ୍ଦ୍ର ଭୂଷଣ ନାଏକଙ୍କ କେନ୍ଦୁଝର ଜିଲା ଆନନ୍ଦପୁର ଥାନାକୁ ବଦଳି ହେବା ପରେ ଧାମନଗର ଥାନାରେ ଆଇଆଇସି ପଦବୀ ଫାଙ୍କା ପଡ଼ିଥିଲା। ଗୋପାଳକୃଷ୍ଣ ପୂର୍ବରୁ କେନ୍ଦୁଝର, ଜଗତସିଂପୁର ଥାନା ଓ ପରେ ଭୁବନେଶ୍ୱର କମିଶନରେଟ ପୋଲିସରେ କାର୍ଯ୍ୟ କରିଛନ୍ତି। ଧାମନଗର ଅଞ୍ଚଳରେ ଦିନ ଦ୍ୱିପ୍ରହରରେ ଛିନ୍‌ତାଇ, ଚୋରି, ଧଳା ଜହର, ବେଆଇନ ମଦ ବେପାର ଓ ବିଭିନ୍ନ ଛକରେ ବେଆଇନ ଭାବେ କବାଡ଼ିଆ ଦୋକାନ ବୃଦ୍ଧି ପାଉଛି। ସେହିପରି ଦୋବଲ ବଜାର ମୁଖ୍ୟରାସ୍ତାରେ ବେଆଇନ ଭାବେ ବାଇକ୍, ଚାରିଚକିଆ ଯାନ ଘଣ୍ଟା ଘଣ୍ଟା ଧରି ଛିଡ଼ା କରାଯାଇ ମାଲ୍ ପରିବହନ କରାଯାଉଛି। ଫଳରେ ଗାଡ଼ି ଓ ସାଧାରଣ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକଙ୍କ ସହଯୋଗ ରହିଲେ ଆଇନଶୃଙ୍ଖଳା ଠିକ୍ ବାଟରେ ଚାଲିପାରିବ ବୋଲି ଆଇଆଇସି ଜେନା କହିଛନ୍ତି।

# ଜଳ ଯୋଗାଣ ଉପରେ ଗୁରୁତ୍ୱ

## ସମ୍ଭାବ୍ୟ ଅଂଶୁଘାତ ମୁକାବିଲା ନେଇ ଜିଲାସ୍ତରୀୟ ପ୍ରସ୍ତୁତି

**ଭଦ୍ରକ,୧।୩(ସନାତନ ରାଉତ/ ରବିନାରାୟଣ ଖିଲାର)**

ଅଂଶୁଘାତ ମୁକାବିଲା ପାଇଁ ଜଳ ଯୋଗାଣ, ଆଶୁ ଚିକିତ୍ସା ବ୍ୟବସ୍ଥା, ସତର୍କତା ଅବଲମ୍ବନ ପାଇଁ ସଚେତନତା ଉପରେ ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ ଗୁରୁତ୍ୱାରୋପ କରିଛନ୍ତି। ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ଖରାପ ଥିବା ନଳକୂପଗୁଡ଼ିକୁ ମରାମତି, ନୂତନ ନଳକୂପ ଖନନ, କେନାଲରେ ଜଳ ଛାଡ଼ିବା, ଜଳକ୍ଳିଷ୍ଟ ଅଞ୍ଚଳରେ ଟ୍ୟାଙ୍କର ଦ୍ୱାରା ଜଳ ଯୋଗାଣ ଆଦି ଦିଗରେ ଗୁରୁତ୍ୱ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସମ୍ଭାବ୍ୟ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ଅଂଶୁଘାତ ମୁକାବିଲା ପାଇଁ ଜିଲା କାର୍ଯ୍ୟାଳୟର ଓସୱାନ୍ ହଲ୍‌ରେ ଶନିବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକରେ ଜିଲାପାଳ ଏସବୁ ଉପରେ ଗୁରୁତ୍ୱ ଦେଇଛନ୍ତି।


ପ୍ରସ୍ତୁତି ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଜିଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ୍ ଶାନ୍ତନୁ ମହାନ୍ତି ଗ୍ରୀଷ୍ମପ୍ରବାହ ମୁକାବିଲା ନେଇ ପ୍ରାକ୍ ପ୍ରସ୍ତୁତି ଓ ଜିଲା ଜରୁରୀକାଳୀନ ଅଧିକାରୀ ସାଗରିକା ସାହୁ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ। ଅଂଶୁଘାତ ଚିକିତ୍ସା ପାଇଁ ସମସ୍ତ ମେଡିକାଲରେ ସ୍ୱତନ୍ତ୍ର କକ୍ଷ, ଏସି, ସାଲାଇନ୍, ଆମ୍ବୁଲାନ୍ସ ୨୪ ଘଣ୍ଟିଆ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସମସ୍ତ ଶିକ୍ଷାନୁଷ୍ଠାନ, ଅଙ୍ଗନୱାଡି କେନ୍ଦ୍ର ସକାଳୁଆ ହେବା, ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକ, କୃଷକମାନଙ୍କୁ ଖରାରେ କାମ ନ କରାଇବା, ଶ୍ରମିକମାନଙ୍କ ପାଇଁ ପାନୀୟଜଳ, ଛାୟାପ୍ରଦ ଆଶ୍ରୟସ୍ଥଳୀ, ଜଳଛତ୍ର ଖୋଲାଯିବା, ପ୍ରାଣୀ ସମ୍ପଦ ଲାଗି ପାଣିକୁଣ୍ଡ ନିର୍ମାଣ, ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ଆଦି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅଂଶୁଘାତଜନିତ ଶୂନ ମୃତ୍ୟୁ ଆଭିମୁଖ୍ୟରେ କାମ କରିବା ଏବଂ ଆସନ୍ତା ୭ ତାରିଖ ସୁଦ୍ଧା ଅଂଶୁଘାତ ମୁକାବିଲା ପ୍ରସ୍ତୁତି ଶେଷ କରିବାକୁ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ସିଡିଏମ୍‌ଓ ଡା. ସୁଧାଂଶୁ ଶେଖର ବଳ, ଜିଲା ମୁଖ୍ୟ କୃଷି ଅଧିକାରୀ ଦ୍ୱିଜବର ସେଠୀ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ଜିଲାର ସମସ୍ତ ବିଡିଓ ଓ ତହସିଲଦାର ଆଭାସୀ ଜରିଆରେ ବୈଠକରେ ଯୋଡ଼ି ହୋଇଥିଲେ।

# ଗୋହିରାଟିକିରି, ଲୁଣିଆ ଶହୀଦପୀଠର ବିକାଶ ପାଇଁ ଅନୁଦାନ

**ଧାମନଗର, ୧।୩(ଦେବେନ୍ଦ୍ର ଆନ୍ଦିଆ)**

ଧାମନଗର ବ୍ଲକର ୨ ପର୍ଯ୍ୟଟନସ୍ଥଳୀ ଗୋହିରାଟିକିରି ଏବଂ ଲୁଣିଆ ଶହୀଦ ସ୍ମୃତିପୀଠର ବିକାଶ ପାଇଁ ରାଜ୍ୟ ସରକାର ଆର୍ଥିକ ଅନୁଦାନ ବ୍ୟବସ୍ଥା କରିଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ପରେ ଧାମନଗରବାସୀଙ୍କ ମନରେ ଆନନ୍ଦ ଉଲ୍ଲାସ ଦେଖାଦେଇଛି। ଗତ ୨୬ ତାରିଖରେ ଭଦ୍ରକ ଜିଲା ଗସ୍ତରେ ଆସିଥିବା ବେଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଭାଜପା ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଉପସ୍ଥିତିରେ ଧାମନଗର

## ଉପମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ଭାଜପା

ଭାଜପାର ଏକ ଟିମ୍ ଭଦ୍ରକସ୍ଥିତ ସର୍କିଟ ହାଉସ୍‌ଠାରେ ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟି ରାଜ୍ୟ ସରକାରଙ୍କ ସହାୟତା ପାଇଁ କୃତଜ୍ଞତା ଜଣାଇଥିଲେ। ବରିଷ୍ଠ ନେତା ଅଶୋକ ପୁହାଣ, ମନୋରଞ୍ଜନ ମଲ୍ଲିକ, ରଘୁନାଥ ଲେଙ୍କା, ହରେକୃଷ୍ଣ ପାଢ଼ୀ, ଅରବିନ୍ଦ ପତି, ରଞ୍ଜିତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ରାଜ୍ୟ ସରକାର ନିକଟରେ ଲୁଣିଆ ଗୁଳିକାଣ୍ଡର ସ୍ମାରକୀ ଶହୀଦ ପୀଠ ଏବଂ ଐତିହାସିକ ଗୋହିରାଟିକିରିର ପାରିପାର୍ଶ୍ୱିକ ଉନ୍ନୟନ ନିମନ୍ତେ ଯଥାକ୍ରମେ ୧୧ କୋଟି ଓ ୧୦ କୋଟିର ଅନୁଦାନ ଘୋଷଣା କରିଥିଲେ।

# ଜଳିଗଲା ୩ ବଖରା

**ବନ୍ତ, ୧।୩(ହରିନାରାୟଣ ମହାନ୍ତି)**

ବନ୍ତ ତହସିଲ ଛୟାଳସିଂହ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନ ନିଳୋକ ଗ୍ରାମରେ ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟା ୩୦ ବେଳେ ଅଗ୍ନିକାଣ୍ଡ ଘଟି ବାବାଜୀ ଯେନାଙ୍କ ୩ ବଖରା ଘର ଜଳିଯାଇଛି। ଘର ଭିତରେ ଥିବା ଧାନ, ଚାଉଳ, ଗୃହ ସାମଗ୍ରୀ ଆଦି ପୋଡ଼ି ପାଉଁଶ ହୋଇଯାଇଛି। ଏହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ପରେ ଆଗରପଡ଼ା ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସେତେବେଳକୁ ଘର ସମ୍ପୂର୍ଣ୍ଣ ଜଳିଯାଇଥିଲା। ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାଯାଇଛି। ଅଗ୍ନିବିପନ୍ନ ଜଣେ ଗରିବ ବ୍ୟକ୍ତି ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ରାସ୍ତାକୁ ନେଇ ଗୋଷ୍ଠୀସଂଘର୍ଷ, ୭ ଆହତ

**ତିହିଡ଼ି, ୧।୩(ସଞ୍ଜିତ ବଳ)**

ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ହରସିଂହପୁର ପଞ୍ଚାୟତର ବାରବାଟିଆ ପାଢ଼ୀସାହି ଗ୍ରାମରେ ଶନିବାର ଅପରାହ୍ନ ୪ଟା ବେଳେ ରାସ୍ତାକୁ ନେଇ ଗୋଷ୍ଠୀସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷରୁ ୭ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ନିମନ୍ତେ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ରାସ୍ତାକୁ କେନ୍ଦ୍ରକରି ବାରବାଟିଆ ପାଢ଼ୀସାହି ଗ୍ରାମରେ ଦୁଇ ପରିବାର ମଧ୍ୟରେ ଶତ୍ରୁତା ଥିଲା। ଶୁକ୍ରବାର ଅପରାହ୍ନରେ ଜଣେ ବ୍ୟକ୍ତି ଟ୍ରଲି ନେଇ ଯାଉଥିବା ବେଳେ ଅପରପକ୍ଷର କିଛି ଲୋକ ତାଙ୍କୁ ଛାଡ଼ି ନ ଥିଲେ। ଫଳରେ ଉଭୟ ପକ୍ଷ ମଧ୍ୟରେ ଗଣ୍ଡଗୋଳ ଉପୁଜିଥିଲା। ଏହି ଘଟଣାକୁ ନେଇ ଶନିବାର ଅପରାହ୍ନରେ ପୁଣି ଉଭୟ ପକ୍ଷ ମଧ୍ୟରେ ସଂଘର୍ଷ ଘଟିଛି।

# ବାଲୁକା ସୁରକ୍ଷା ସଚେତନତା



ସଚେତନତା ସଭାରେ ଉପସ୍ଥିତ ଅଧିକାରୀମାନେ।

**ଧୁଷୁରୀ, ୧।୩ (ଦୀପ୍ତିରଞ୍ଜନ ନାୟକ)**

ଧୁଷୁରୀ ଥାନା ଅଧୀନ ଅର୍ଜୁନପୁର ପଞ୍ଚାୟତର ବାସୁଦେବ ପୀଠ ନିକଟରେ ଶନିବାର ସନ୍ଧ୍ୟାରେ ଜିଲା ଲଘୁ ଖଣି ବିଭାଗ ପକ୍ଷରୁ ବାଲି ଚୋରି ପ୍ରବଣ ଅଞ୍ଚଳରେ ବାଲୁକା ସୁରକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଉମେଶ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ଭଦ୍ରକ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଭଦ୍ରକ ଖଣି ଉପନିର୍ଦ୍ଦେଶକ ସନ୍ତୋଷ କୁମାର ଦଳେଇ, ଖଣି ଅଧିକାରୀ ଅନିଲ କୁମାର ଦାସ, ଧୁଷୁରୀ ଥାନା ସବ୍ ଇନ୍ସପେକ୍ଟର ବାସୁଦେବ ଓରାମ, ଧାମନଗର ରେଭିନ୍ୟୁ ସୁପରଭାଇଜର ଗିରିଶ ଚନ୍ଦ୍ର ନାୟକ, ଅର୍ଜୁନପୁର ପଞ୍ଚାୟତ ସମିତିସଭ୍ୟ ବିଦ୍ୟାଧର ରାଉତ ପ୍ରମୁଖ ସଭାରେ ସ୍ଥାନୀୟ ଲୋକଙ୍କୁ ସଚେତନ କରାଇଥିଲେ। ପ୍ରଶାସନିକ ନିଷ୍ପତ୍ତି ଅନୁସାରେ ବାଲି ଚୋରିକୁ ରୋକିବା ସହ ନଦୀରେ ସ୍ଥାୟୀ ଘାଟ ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବାଲି ଚୋରି ଦ୍ୱାରା ରାଜସ୍ୱ ହାନି ହେବା ସହ ବହୁ କ୍ଷତି ହେଉଥିବା ଅଧିକାରୀମାନେ କହିଥିଲେ। ସଭାରେ ଯୋଗ ଦେଇଥିବା ସାଧାରଣ ଲୋକଙ୍କ ମତାମତ ନିଆଯାଇଥିଲା। ସମସ୍ତେ ସରକାରୀ ନିଷ୍ପତ୍ତିକୁ ମାନିବେ ବୋଲି ସ୍ୱୀକୃତି ପ୍ରଦାନ କରିଥିଲେ।

# ‘ହୃଦାନନ୍ଦ ଥିଲେ ଦରଦୀ ଜନନେତା’



ପୂର୍ବତନ ବିଧାୟକ ହୃଦାନନ୍ଦ ମଲ୍ଲିକଙ୍କ ସ୍ମୃତିସଭାରେ ଉପସ୍ଥିତ ଅତିଥି।

**ଭଦ୍ରକ, ୧।୩(ସନାତନ ରାଉତ)**

ଭଦ୍ରକ ଜିଲାର ଅନ୍ୟତମ ରାଜନେତା ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକ ଜଣେ ଦରଦୀ ଜନନେତା ଥିଲେ। ଗରିବ ଲୋକ ଓ ଧାମନଗର ବନ୍ୟା ପ୍ରପୀଡ଼ିତଙ୍କୁ ସହାୟତା ଯୋଗାଇବାରେ ତାଙ୍କର ଅବଦାନ ଚିରସ୍ମରଣୀୟ ବୋଲି ୩୫ତମ ଶ୍ରାଦ୍ଧବାର୍ଷିକୀରେ ଅନୁଷ୍ଠିତ ସ୍ମୃତିସଭାରେ ବକ୍ତାମାନେ ସ୍ମୃତିଚାରଣ କରିଛନ୍ତି। ଶନିବାର ପୂର୍ବାହ୍ନ ୧୧ଟାରେ ଭଦ୍ରକ ନୂଆବଜାରସ୍ଥିତ ଭାଗବତ କଲ୍ୟାଣ ମଣ୍ଡପରେ ଶାନ୍ତନୁ ରାଉତଙ୍କ ସଭାପତିତ୍ୱରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର ଦାସ, ତ୍ୟାଗଭୂମିର ସଭାପତି ଅଜୟ ନାୟକ, ତିହିଡ଼ି ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ତିହିଡ଼ିର ପୂର୍ବତନ ବ୍ଲକ ଅଧ୍ୟକ୍ଷା ବିଦ୍ୟୁତ୍‌ଲତା ନାୟକ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଶ୍ରମିକ ନେତା ଦିବ୍ୟସିଂହ ନାୟକ, ଡା. ସଞ୍ଜୟ କୁମାର ଦାସ, ଜିଲା ପରିଷଦ ସଭ୍ୟ ମଳୟ ଜେନା, ଜିଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ଅଶୋକ ବଳ, ଧାମନଗର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ଧାମନଗର ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ବିଜେଡି ନେତା ପ୍ରଭାତ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ପରିଚାଳନା କରିଥିବା ବେଳେ ଅମିତ୍ ମଲ୍ଲିକ ସ୍ୱାଗତ ଭାଷଣ ଓ ପ୍ରଦୀପ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ସେହିପରି ଧାମନଗର ବ୍ଲକ ହସନାବାଦ ପଞ୍ଚାୟତର ଗୋପବନ୍ଧୁ ନଗରରେ ସ୍ୱର୍ଗତ ମଲ୍ଲିକଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ହୃଦାନନ୍ଦ ସ୍ମୃତି କମିଟି ଆନୁକୂଲ୍ୟରେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଭାତଫେରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମନ୍ଦିର ପ୍ରତିଷ୍ଠା ଉତ୍ସବରେ କଳସ ଶୋଭାଯାତ୍ରା


ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳା ଓ ଅନ୍ୟମାନେ।

**ତିହିଡ଼ି, ୧।୩ (ସଞ୍ଜିତ ବଳ)**

ତିହିଡ଼ି ବ୍ଲକର କୋହ୍ଲସ୍ଥିତ ସାହାଡ଼ାଶୁଣୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କୋହ୍ଲ ଓ ଆଖପାଖ ଗ୍ରାମର ୨ଶହରୁ ଊର୍ଦ୍ଧ୍ୱ ମହିଳା ଶନିବାର ସକାଳ ୯ଟା ବେଳେ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରିଥିଲେ। ସେମାନେ ଶାସନସ୍ଥିତ କୃଷ୍ଣେଶ୍ୱର ମହାଦେବଙ୍କ ପୋଖରୀରେ କଳସ ବୁଡ଼ାଇ ଆଣିବା ପରେ ଯଜ୍ଞସ୍ଥଳରେ ସ୍ଥାପନ କରାଯାଇଥିଲା। ବିଭିନ୍ନ ପୂଜା ପରେ ଯଜ୍ଞ ଆରମ୍ଭ ହୋଇଥିଲା। କର୍ତ୍ତା ଭାବେ ସନାତନ ମାଝୀ, ବ୍ରାହ୍ମଣ ଅନିରୁଦ୍ଧ ପାଣି, କାର୍ତ୍ତିକ ପାଣି, ନିରଞ୍ଜନ ପାଣି, ମଙ୍ଗରାଜ ପାଣି ଓ ରବୀନ୍ଦ୍ର ଦାସ ଯଜ୍ଞ କାର୍ଯ୍ୟ ତୁଲାଉଛନ୍ତି। ରବିବାର ଶିଖର ସ୍ନାନ ପରେ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଏବଂ ସୋମବାର ଯଜ୍ଞର ପୂର୍ଣ୍ଣାହୁତି ସହ ବଳରାମ ସେନାପତିଙ୍କ ରଚିତ ମା’ ସାହାଡ଼ାଶୁଣୀଙ୍କ ମହିମା ପୁସ୍ତକ ଉନ୍ମୋଚନ ହେବ। କମଳାକାନ୍ତ ମାଝୀ, ଶିବାନୀ ମାଝୀ, କାର୍ତ୍ତିକ ମାଝୀ, ନିରଞ୍ଜନ ମାଝୀ, ଗଣେଶ ମାଝୀ, ଦୀନବନ୍ଧୁ ମାଝୀ, ପ୍ରଦୀପ ମାଝୀ, ଭାଗୀରଥି ମାଝୀ, କୃପାସିନ୍ଧୁ ମାଝୀ, ଭଗବାନ ସାହୁ, ପ୍ରଦୀପ ବଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପାଟୁଆ କମିଟିର କର୍ମକର୍ତ୍ତା ଉତ୍ସବରେ ସହଯୋଗ କରୁଛନ୍ତି।

# ଶାଶୁବୋହୂଙ୍କୁ ଆକ୍ରମଣ ଘଟଣା: ଅଭିଯୁକ୍ତ ଗିରଫ

**ଭଣ୍ଡାରିପୋଖରୀ, ୧।୩ (ରାଜେନ୍ଦ୍ର ଶତପଥୀ)**

## କଳମ ବୁଦାରୁ ମିଳିଲା ଛୁରି

ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ୍ ଫାଣ୍ଡି ଅଧୀନ ଦେଓପଦା(ମେଘା) ଗ୍ରାମରେ ଶାଶୁବୋହୂଙ୍କୁ ଆକ୍ରମଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ ହେମନ୍ତ ସାହୁ ଓରଫ ଜଡ଼ା(୨୫)ଙ୍କୁ ଶନିବାର ଅପରାହ୍ନରେ ଭଣ୍ଡାରିପୋଖରୀ ପୋଲିସ ଗିରଫ କରିଛି। ତାଙ୍କୁ କୋର୍ଟଚାଲାଣ ପରେ ଭଦ୍ରକ ଜେଲକୁ ପଠାଇ ଦିଆଯାଇଛି। ପ୍ରଥମେ ଅଟକ ଥିବା ୪ ଜଣଙ୍କୁ ପୋଲିସ ଛାଡ଼ି ଦେଇଛି। ମାତ୍ର ହତ୍ୟାକାଣ୍ଡ ପଛର କାରଣ ସମ୍ପର୍କରେ ପୋଲିସ କୌଣସି ସୂଚନା ଦେଇପାରି ନାହିଁ। ମୁଖ୍ୟ ଅଭିଯୁକ୍ତ ଜଡ଼ା ବାସ୍ତବରେ କଥା କହିପାରୁ ନ ଥିବାରୁ ଘଟଣାର କାରଣ ଜାଣିବାକୁ ପୋଲିସ ୨ଜଣ ମୁକ ବଧିର ଶିକ୍ଷକ(ବିଶେଷଜ୍ଞ)ଙ୍କ ସହାୟତା ନେଇଛି। ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଇ ବିଶେଷଜ୍ଞଙ୍କ ସହାୟତାରେ ଅପରାଧ ଘଟାଇବା ସମ୍ପର୍କରେ ତଥ୍ୟ ଉନ୍ମୋଚନ ପାଇଁ ପ୍ରୟାସ କରିଛି। କ୍ରାଇମ୍ ସିନ୍ ରିକ୍ରିଏଶନ ଦ୍ୱାରା ଦେଓପଦାରୁ ମଞ୍ଜୁରୀରୋଡ୍‌କୁ ସଂଯୋଗକାରୀ ପୂର୍ତ୍ତ ରାସ୍ତାର ମୋରଡ଼ା ଛକ ପେଟ୍ରୋଲ ପମ୍ପ ଅନତି ଦୂରରେ ଥିବା ଆମ୍ବଗଛ ନିକଟ କଳମ ବୁଦାରୁ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି ମିଳିଛି। ରିମାଣ୍ଡ ପାଇଁ ପୋଲିସ ଆବେଦନ କରିବାକୁ ପ୍ରସ୍ତୁତି କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ଅଭିଯୁକ୍ତଙ୍କ ମୋବାଇଲ ଜବତ କରି ହାସଲ କରିଥିବା ତଥ୍ୟ ଓ ଆକ୍ରମଣର ଶିକାର ହୋଇଥିବା ପରିବାରର ମୋବାଇଲ ମଧ୍ୟ ଜବତ କରି ପୋଲିସ ତଦନ୍ତ ଜାରି ରଖିଛି।

# ଫାଇନାଲରେ ବାଲେଶ୍ୱର ଆଦର୍ଶ କ୍ଲବ

## ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

**ଭଣ୍ଡାରିପୋଖରୀ, ୧।୩(ରାଜେନ୍ଦ୍ର ଶତପଥୀ)**

ଭଣ୍ଡାରିପୋଖରୀ ବ୍ଲକର ଚନ୍ଦ୍ରଭାନୁପୁର କ୍ରିକେଟ ପଡ଼ିଆରେ ଚାଲିଥିବା ହରମୋହନ ମହାପାତ୍ର କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଥିଲା ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍। ଏଥିରେ କଟକ ନିମପୁର ସ୍ପୋର୍ଟିଂକୁ ହରାଇ ବାଲେଶ୍ୱର ଆଦର୍ଶ କ୍ଲବ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ଆଦର୍ଶ କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ କ୍ଷମାସାଗର ବଳଙ୍କ ୪୩ ବଲ୍‌ରୁ ୧୩୦ ରନ୍ ଓ ରାଜୀବ ଲୋଚନ ସାହୁଙ୍କ ୫୩ ରନ୍ ସହାୟତାରେ ୬ ଉଇକେଟ୍ ହରାଇ ୩୧୨ ରନ୍ କରିଥିଲା। ନିମପୁର ସ୍ପୋର୍ଟିଂ ୧୯ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୫୨ ରନ୍ କରିଥିଲା। ରାମଚନ୍ଦ୍ର ଦାଶ ଓ ଦେବବ୍ରତ ଦାସ ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ସୌମ୍ୟରଞ୍ଜନ ପରିଡ଼ା ସ୍କୋରର ଓ ପ୍ରଦୀପ ଜେନା ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ କ୍ଷମାସାଗର ବଳଙ୍କୁ ଅତିଥି ସରୋଜ ଦ୍ୱିବେଦୀ ପୁରସ୍କୃତ କରିଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

# ଧାମନଗରରେ ସର୍ବାଧିକ ଉଚ୍ଚ ରକ୍ତଚାପ ରୋଗୀ

## ଜିଲା ସ୍ୱାସ୍ଥ୍ୟ ସମିତିର ସାଧାରଣ ପରିଷଦ ବୈଠକ

**ଭଦ୍ରକ, ୧।୩(ସନାତନ ରାଉତ)**

ଭଦ୍ରକ ଜିଲା ସ୍ୱାସ୍ଥ୍ୟ ସମିତିର ସାଧାରଣ ପରିଷଦ ବୈଠକ ଶନିବାର ଅପରାହ୍ନ ୩ଟାରେ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସମିତିର ଅଧ୍ୟକ୍ଷ ତଥା ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲାପାଳ ଦିଲୀପ ରାଉତରାଏ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳଙ୍କ ସମେତ ଅନ୍ୟ ଅଧିକାରୀ ଯୋଗ ଦେଇଥିଲେ। ଡିପିଏମ୍ ସରିତା ମହାପାତ୍ରଙ୍କ ତଥ୍ୟ ଆଧାରରେ ଅଣ ସଂକ୍ରାମକ ରୋଗ ଚିହ୍ନଟକରଣ ଅଭିଯାନର ସଫଳତା ଓ ସମସ୍ୟା ସମ୍ବନ୍ଧରେ ସମୀକ୍ଷା କରାଯାଇଥିଲା। ଜିଲାରେ ଉଚ୍ଚ ରକ୍ତଚାପ ଓ ମଧୁମେହ ରୋଗର ଚିହ୍ନଟୀକରଣ ଚାଲୁ ରହିଛି। ଧାମନଗରରେ ସର୍ବାଧିକ ୭୦.୫ ପ୍ରତିଶତ ଉଚ୍ଚ ରକ୍ତଚାପ ରୋଗୀ ଥିବାବେଳେ ବରପଦାରେ ସର୍ବନିମ୍ନ ୬୧.୪ ପ୍ରତିଶତ ଅଛନ୍ତି। ଅଦ୍ୟାବଧି ୧ ଲକ୍ଷ ୩୧ ହଜାର ୩୨୭ ଜଣଙ୍କଠାରେ ଉଚ୍ଚ ରକ୍ତଚାପ ଚିହ୍ନଟ ହୋଇଥିବାବେଳେ ୫୬ ହଜାର ୭୯୧ ଚିକିତ୍ସାଧୀନ ଅଛନ୍ତି। ସେହିପରି ଡାଇବେଟିସ୍‌ରେ ଜିଲାରେ ୩୬,୧୭୩ଜଣ ଚିକିତ୍ସାଧୀନ ଥିବା ଜଣାପଡ଼ିଛି।


ବୈଠକରେ ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟମାନେ।

ଆର୍‌ସିଏଚ୍‌ର ଡେପୁଟି ମ୍ୟାନେଜର ଜିତେନ୍ଦ୍ର ବିଶ୍ୱାଳ ଜିଲାର ସମସ୍ତ ବ୍ଲକର ଶିଶୁ ମୃତ୍ୟୁ ସଂଖ୍ୟା, ଏଡିପିଏଚ୍‌ଓ ଭିବିଡି ଡା. ସନ୍ତୋଷ ପୃଷ୍ଟି ମ୍ୟାଲେରିଆ, ଡେଙ୍ଗୁ, ନାଇଟ୍ ବ୍ଲଡ୍ ସର୍ଭେ ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। ୨୦୨୪ରେ ଜିଲାରେ ସମୁଦାୟ ୬୮ଟି ମ୍ୟାଲେରିଆ ପଜିଟିଭ୍ ବାହାରିଥିଲା। ସେହିପରି ଡେଙ୍ଗୁରେ ୧୫୫ ସହ ବାହାରୁ ଆସିଥିବା ୧୪୮ ମିଶି ସମୁଦାୟ ୩୦୩ ସଂଖ୍ୟା ଥିଲା। ଏଡିପିଏଚ୍ ସଂଯୋଜନା ଅଧିକାରୀ ଅନୀତା ରାଉତ ପରିବାର ନିୟନ୍ତ୍ରଣ ଯୋଜନା ନେଇ ତଥ୍ୟ ପ୍ରଦାନ କରିଥିଲେ। ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଆସିଷ୍ଟାଣ୍ଟ ମ୍ୟାନେଜର ସମିତା ଶତପଥୀ ପ୍ରସୂତି କେନ୍ଦ୍ରରେ ନବଜାତ ଶିଶୁଙ୍କ ପରୀକ୍ଷଣ ସମ୍ବନ୍ଧରେ ସୂଚନା ଦେଇଥିଲେ।

## ସଂକ୍ଷେପରେ

### ଯୁବ କଣ୍ଠଶିଳ୍ପୀଙ୍କ ଅକାଳ ବିୟୋଗ

ପାଟଣା,୧।୩(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟ ଶିବ ନାରାୟଣପୁର ଶାସନର ଉଦୀୟମାନ ଯୁବ ପ୍ରତିଭା ଶ୍ରୀତମ ପଣ୍ଡା(୨୫) ଶନିବାର ଅକାଳ ବିୟୋଗ ହୋଇଛି। କୌଣସି ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘୋରଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେ ପାଟଣା ମୁଖ୍ୟାଳୟ ବଜାରର ଜଣାଶୁଣା ବ୍ୟବସାୟୀ ହେମନ୍ତ କୁମାର ପଣ୍ଡାଙ୍କ ପୁଅ। ଭୁବନେଶ୍ୱର ସଙ୍ଗୀତ ମହାବିଦ୍ୟାଳୟରୁ ସଙ୍ଗୀତରେ ସ୍ନାତକ ପାଶ କରିଥିବା ବେଳେ ୪ଟି ଆଲବମରେ କଣ୍ଠ ଦାନ କରିଥିଲେ। ତାଙ୍କ ଅକାଳ ବିୟୋଗରେ ପାଟଣା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମାର୍ଚ୍ଚ ୭ରେ ଶ୍ରୀତମଙ୍କ ବାହାଘର ପାଇଁ ନିର୍ବନ୍ଧ ସରିଥିଲା। ଦେହ ଅସୁସ୍ଥ କାରଣ ଯୋଗୁ ପରିବାର ଲୋକେ ବିବାହ ସମୟ ବୃଦ୍ଧି କରିଥିଲେ। ମୃତଦେହ ପାଟଣା ବଜାରରେ ପହଞ୍ଚିବା ପରେ ମାର୍କେଟ କମିଟି ତରଫରୁ ଏକ ଶୋଭାଯାତ୍ରାରେ ଘର ପର୍ଯ୍ୟନ୍ତ ନିଆଯାଇଥିଲା। ଅନ୍ତିମ ଯାତ୍ରାରେ ଅନେକ ହଜାର ଲୋକେ ସାମିଲ ହୋଇଥିଲେ। ପାଟଣା ବଜାରକୁ ଅପରାହ୍ନ ୩ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ବନ୍ଦ କରାଯାଇଥିଲା। ପାଟଣା ବୈତରଣୀ ନଦୀକୂଳରେ ଆନ୍ତେଷ୍ଟି କ୍ରିୟା ସମ୍ପନ୍ନ ହୋଇଛି। ବଡ ଭାଇ ପ୍ରୀତମ ମୁଖାଗ୍ନି ଦେଇଥିଲେ।

### ଅଷ୍ଟମ ପ୍ରହର ନାମଯଜ୍ଞ

ଛେନାପଦି,୧।୩(ନିରାକାର ପରିଡା): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଅଣା ଗ୍ରାମରେ ଶ୍ରୀଶ୍ରୀ ରାଧା ରମଣ ଦେବଙ୍କ ବାର୍ଷିକ ଅଷ୍ଟମ ପ୍ରହର ନାମଯଜ୍ଞ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଗୌରଭକ୍ତ ବୃନ୍ଦଙ୍କ ତତ୍ତ୍ୱାବଧାନରେ ବୁଧବାର ସନ୍ଧ୍ୟା ୭ଟାରେ ବୈଷ୍ଣବ ବାବନ ଦାସଙ୍କ ଦ୍ୱାରା କଳସ ଶୋଭାଯାତ୍ରାରେ ଶୁଭ ଅଧିବାସ କରାଯାଇଥିଲା। ଗୁରୁବାର ଶ୍ରୀ ରାଧାରମଣ ଦେବଙ୍କ ଅଖଣ୍ଡ ହରିନାମ 'ଭଜ ନିତାଇ ଗୌର ରାଧେଶ୍ୟାମ ଜପ ହରେ କୃଷ୍ଣ ହରେ ରାମ' ନାମରେ ଗ୍ରାମ ପ୍ରକମ୍ପିତ ହୋଇପଡୁଥିଲା। ଏଥିରେ ଅନ୍ୟ ଗ୍ରାମର ଗୌରଭକ୍ତ ଦଳ ତାମ୍ପଳା, ଜମ୍ବୀରା, ବରଡ଼ି, ଶଙ୍ଖଣା ପ୍ରମୁଖ ଯୋଗଦେଇଥିଲେ। ଶୁକ୍ରବାର ନଦିଆ କୀର୍ତ୍ତନ ସହିତ ନଗର ଭ୍ରମଣ ସାରି ଦଧିଭାଣ୍ଡ ଭାଙ୍ଗି ଜଳାଶୟରେ କଳସ ବିସର୍ଜନ କରିଥିଲେ। ଗ୍ରାମର ତୁଷାର ରଞ୍ଜନ ଜେନା, କମ୍ବୁନାଥ ଜେନା, ହିମାଂଶୁ ଶେଖର ଜେନା, ସଞ୍ଜୟ ଜେନା, ସୁକାନ୍ତ ଜେନା, ତୋଫାନୀ ଜେନା, ରାକେଶ ଜେନା ପ୍ରମୁଖ ସହଯୋଗ କରିଥିଲେ।

### ୧୧ ଖଣ୍ଡ ପିଆଶାଳ ଗଣ୍ଡି ଜବତ

ପାଟଣା,୧।୩(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ଗୋହିରା ଗ୍ରାମର ଏକ ପଥର ହୁଡ଼ିରେ ଥିବା ମୂଲ୍ୟବାନ ପିଆଶାଳ ଗଛକୁ ଦୁର୍ବୃତ୍ତ କାଟିଥିବା ଶନିବାର ବନ ବିଭାଗ ଜାଣି ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ୧୧ ଖଣ୍ଡ ଶାଳଗଣ୍ଡିକୁ ବନ ବିଭାଗ ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ୧ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ସାହାରପଡ଼ା ବନପାଳ ଭୂପତି ସେଠୀ କହିଛନ୍ତି। ବନ କର୍ମଚାରୀଙ୍କୁ ଦେଖି କାଠ ବ୍ୟବସାୟୀ ଫେରାର ହୋଇଯାଇଥିଲେ।

# ଉଦ୍ୟାନ ଏବେ ଚାରଣଭୂଇଁ

## ରକ୍ଷଣାବେକ୍ଷଣ ଅଭାବରୁ ରୋପିତ ଚାରା ମରିଗଲା

ପାଟଣା,୧।୩(ବୀରକିଶୋର ଦାଶ)



ଚାରଣଭୂମିରେ ପରିଣତ ହୋଇଥିବା ଉଦ୍ୟାନ।

କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀ ଓ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ସହାୟତା ଯୋଗାଇ ଦେଉଛନ୍ତି। କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଦିଗପସି ପଞ୍ଚାୟତରେ କେନ୍ଦ୍ର ସରକାରଙ୍କ ଟ୍ରାଇଭାଲ ଡେଭଲପମେଣ୍ଟ ଫଣ୍ଡ (ଟିଡିଏଫ) ବିନିଯୋଗରେ ରାଷ୍ଟ୍ରୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ)ର ଆର୍ଥିକ ସହାୟତାରେ ଉଦ୍ୟାନ ସୃଷ୍ଟି ହୋଇଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଲଗାଯାଇଥିବା ଚାରା ମରିଯାଇଥିବା ବେଳେ ଉକ୍ତ ସ୍ଥାନ ଏବେ ଚାରଣଭୂଇଁ ପାଲଟିଯାଇଛି।

ସୂଚନା ଅନୁଯାୟୀ, ଉଦ୍ୟାନ ବିକାଶ ଯୋଜନାରେ ୨୦୨୪ରେ ସାହାରପଡ଼ା ବ୍ଲକ୍‌ର ଭଗା ବିଲା, ଦିଗ ପଶି, କେଶ ଡିଆ , ରାଇ ଡିହା ଓ ଗାଁଇଶିରି ଗ୍ରାମରେ ୧୬୫ ଏକର ଜମିରେ ୧୩ ହଜାର କାଜୁ, ଆମ୍ବ ଚାରାରୋପଣ ହୋଇଥିଲା। କେବଳ ଗାଁଇଶିରି ଗ୍ରାମରେ ୫୧ଏକର ଜମିରେ ଚାରାରୋପଣ ହୋଇଥିଲା। ୩୯ ଆଦିବାସୀଙ୍କ ଜମିରେ ଚାରା ଲଗାଯାଇଥିବା ବେଳେ ନାବାର୍ଡ ପକ୍ଷରୁ ବନବାସୀ କଲ୍ୟାଣ ଆଶ୍ରମ ଓଡ଼ିଶା ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ରକ୍ଷାଣାବେକ୍ଷଣା ଦାୟିତ୍ୱ ପ୍ରଦାନ କରିଥିଲା। ମାତ୍ର ଉକ୍ତ ଅନୁଷ୍ଠାନର ଖାମଖିଆଲ ମନଭାବ ଯୋଗୁ କେବଳ ଗୋପାଳ ମୁଣ୍ଡାଙ୍କ ୮ଶହ ଗଛ ବଞ୍ଚିଥିବା ବେଳେ ବାକି ୩୮ଜଣଙ୍କ ବଗିଚାରେ ଏବେ ଗୋରୁ ଓ ଛେଳି ଚରୁଛନ୍ତି। ଗାଁଇଶିରି ଗ୍ରାମରେ ରୋପଣ ଚାରା ମରିଯିବାରୁ ଉକ୍ତ ପଡ଼ିଆ ଜମିରେ ଲୋକେ ଚଳିତ ବର୍ଷ ମାଣ୍ଡିଆ ଚାଷ କରିଥିଲେ। ଅନେକ ଜମିରେ ଏବେ କାଜୁ ଓ ଆମ୍ବ ଗଛର ଶୁଖିଲା ଡାଙ୍ଗ ସବୁ ଠିଆ ହୋଇଛି। ଗାଇଁଶିରି ଗ୍ରାମର ବନ୍ଧୁଆ ମୁଣ୍ଡା ଓ ରାଉତ ଚାତାର କହିଛନ୍ତି, ସେମାନଙ୍କୁ ଗଛ ରକ୍ଷଣାବେକ୍ଷଣା ପାଇଁ ୩ ବର୍ଷ ପାଇଁ ଆନୁସଙ୍ଗିକ ଖର୍ଚ୍ଚ ଓ ଉପକରଣ ଯୋଗାଇ ଦେବାକୁ କୁହାଯାଇଥିଲେ ହେଁ କୌଣସି ସହାୟତା ଦିଆଯାଇନାହିଁ। ବନବାସୀ କଲ୍ୟାଣ ଆଶ୍ରମ ଓଡ଼ିଶାର ସାହାରପଡ଼ା ପରିଚାଳକ ମୋହିରାମ ମହାନ୍ତ କହିଛନ୍ତି, ଯୋଜନାରେ ୭୦ ପ୍ରତିଶତ ସରକାର ଖର୍ଚ୍ଚ କରୁଥିବା ବେଳେ ୩୦ ପ୍ରତିଶତ ହିତାଧିକାରୀ ଖର୍ଚ୍ଚ କରିବାର ନିୟମ ରହିଛି। ହିତାଧିକାରୀଙ୍କ ରକ୍ଷଣାବେକ୍ଷଣ ଅଭାବରୁ ଗଛ ସବୁ ମରିଯାଇଛି। ଅନ୍ୟପକ୍ଷେ ସଂସ୍ଥା ଅଧୀନରେ ସୁପରିଭାଇଜର ଭାବେ କାର୍ଯ୍ୟ କରୁଥିବା ମେଦିନୀ ପୁରର ବାବୁ ରାମ ଓ ତେଲିପଡ଼ାର ନେଉଳ ନାଏକ ଗୁରୁବାର ବନବାସୀ କଲ୍ୟାଣ ଆଶ୍ରମ ପାରିଶ୍ରମିକ ଦେଉ ନ ଥିବା ଅଭିଯୋଗ କରି ଜିଲା ଲେବର କୋର୍ଟରେ ଦାରସ୍ଥ ହୋଇଛନ୍ତି।

# ୨୦ଫୁଟ ତଳକୁ ଖସିଲା କାର, ଜଣେ ମୃତ

ପାଟଣା,୧।୩(ବୀରକିଶୋର ଦାଶ)



ପୋଲ ତଳେ କାର ଖସିପଡ଼ିଛି।

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ରାଜନଗର କେନ୍ଦେଇପଶି ରାସ୍ତାର କଡେଣୁଆଁ ଜମ୍ବେଇ ନାଳ ପୋଲ ଉପରୁ ୨୦ଫୁଟ ତଳକୁ ଏକ କାର ଖସିପଡ଼ିଛି। ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ପାଟଣା ମୁଖ୍ୟାଳୟ ଟାଇଁସିରା ଗ୍ରାମର ଦେବାନନ୍ଦ ପୃଷ୍ଟି(୬୯)। ଗୁରୁତର ଟାଙ୍ଗରପଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ସଙ୍କର୍ଷଣ ସାହୁ।

ସୂଚନା ଅନୁଯାୟୀ, ଦେବାନନ୍ଦ ଓ ସଙ୍କର୍ଷଣ ହୁଣ୍ଡାଇ ଏକ୍ସଟର କାର (ଓଡି ୦୨ ସିକ୍ୟୁ ୬୩୫୮)ଯୋଗେ ଡୁରୁମୁଙ୍ଗାରୁ ପାଟଣା ଫେରୁଥିଲେ। କାର ଭାରସାମ୍ୟ ହରାଇ ବ୍ରିଜ ଉପରୁ ୪ ସୁରକ୍ଷା ପିଲାର ଭାଙ୍ଗି ଖସି ପଡ଼ିଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ଦେବାନନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ଦେବାନନ୍ଦଙ୍କ ପ୍ରକୃତ ଘର ସରାସକୋଲା ପଞ୍ଚାୟତ ଖମୁଁଆ ଗ୍ରାମରେ ହୋଇଥିବା ବେଳେ ସେ ପୂର୍ବତନ ପାଟଣା ବ୍ଲକ୍ ଅଧ୍ୟକ୍ଷ ସ୍ୱର୍ଗତ ଅନିରୁଦ୍ଧ ପୃଷ୍ଟିଙ୍କ ପୁଅ ଓ ପାଟଣା ବ୍ଲକ୍ ବିଜେଡି ସଭାପତି ମାଧବା ନନ୍ଦ ପୃଷ୍ଟୀଙ୍କ ବଡ ଭାଇ। ତାଙ୍କ ବିୟୋଗରେ ପାଟଣା ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ, ହୃଶୀକେଶ ନାଏକ, କଂଗ୍ରେସ ନେତା ବିନୋଦ ବିହାରି ନାଏକ, ପାଟଣା ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ବିଦ୍ୟାଧର ଦାଶ, ସାମାଜିକକର୍ମୀ ଅଜୟ ଦାଶ, ଅଜିତ ଦାଶ, ବିଜେଡି ନେତା ପ୍ରଶାନ୍ତ ଭଞ୍ଜ ଓ ଆଇନଜୀବୀ ରାହାସ ବିହାରୀ ପୃଷ୍ଟି ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ଉତ୍କଳ ସମ୍ମିଳନୀର ସ୍ୱତନ୍ତ୍ର ଅଧିବେଶନ



ଅଧିବେଶନରେ ଉପସ୍ଥିତ ଅତିଥିମାନେ।

କେନ୍ଦୁଝର,୧।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

ଉତ୍କଳ ସମ୍ମିଳନୀ କେନ୍ଦୁଝର ଶାଖାର ଏକ ସ୍ୱତନ୍ତ୍ର ଅଧିବେଶନ ଶୁକ୍ରବାର ସନ୍ଧ୍ୟାରେ ମିଳନୀ ସାହିତ୍ୟ ସଂସଦ ଭବନରେ ଅନୁଷ୍ଠିତ ହୋଇଯାଇଛି। ଶାଖା ସଭାପତି ଡ. ବିଦ୍ୟାଧର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟିର ସଭାପତି ପ୍ରଫେସର ଅଦ୍ୱୈତ ପାତ୍ର ଓ ସମ୍ମାନିତ ଅତିଥିଭାବେ କେନ୍ଦ୍ରୀୟ କମିଟିର କୋଷାଧ୍ୟକ୍ଷ ଭୀମସେନ ମହାପାତ୍ର ଯୋଗ ଦେଇଥିଲେ। ସମ୍ପ୍ରତି ଉତ୍କଳ ସମ୍ମିଳନୀର ଆଭିମୁଖ୍ୟ ତଥା ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାରେ ଶିକ୍ଷା ପ୍ରସାର ଉପରେ ମୁଖ୍ୟ ଅତିଥି ଗୁରୁତ୍ୱ ଦେଇଥିଲେ। ମିଳନୀ ସାହିତ୍ୟ ସଂସଦର ସଭାପତି ଦେବାଶିଷ ଚକ୍ରବର୍ତ୍ତୀ, କେନ୍ଦୁଝର ଶାଖାର ଉପ ସଭାପତି ଡ. ଚିତ୍ତ ମିଶ୍ର ଜିଲା ଶାଖାଗୁଡ଼ିକୁ ସକ୍ରିୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଶାଖାର ସମ୍ପାଦକ ବିରଜା ମିଶ୍ର ସମସ୍ତଙ୍କୁ ସ୍ୱାଗତ କରିଥିଲେ। ମହିଳା ଲେଖିକା ସଂସଦର ସମ୍ପାଦିକା ଇନ୍ଦୁମତି ପାତ୍ର, ଡ. ବିପିନ ବିହାରୀ ମହାପାତ୍ର, କବି ଚିନ୍ତାମଣି ମହାଲିକ, ଆର୍ଯ୍ୟବାଳା ମହାପାତ୍ର, ବିଜୟଲକ୍ଷ୍ମୀ ମହାନ୍ତି, ବୀଣାପାଣି ଜେନା, ମନ୍ଦାକିନୀ କର, ଦେବଦର୍ଶନ ଦାଶ, ବସନ୍ତ ରାଉତ, ଭରତ ଚନ୍ଦ୍ର ପାତ୍ର, ଯୋଗେନ୍ଦ୍ର ସାହୁ ପ୍ରମୁଖ ମତାମତ ପ୍ରଦାନ କରିଥିଲେ। ହରିହର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଭାଜପାରେ କନ୍ଦଳ




୨ ପକ୍ଷରୁ ହୋଇଥିବା ଖବରଦାତା ସମ୍ମିଳନୀ।

ଚମ୍ପୁଆ,୧।୩(ମହେଶ୍ୱର ଦାସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଜିଲା ଚମ୍ପୁଆ ଗସ୍ତରେ ରବିବାର ଆସୁଛନ୍ତି। ଗସ୍ତକୁ ନେଇ ଭାଜପା ଓ ପ୍ରଶାସନ ପକ୍ଷରୁ ଆୟୋଜନ ଜୋରସୋର ଚାଲିଛି। ମାତ୍ର ଶନିବାର ଭାଜପା ମଧ୍ୟରେ ପ୍ରସ୍ତୁତିକୁ ନେଇ କନ୍ଦଳ ପରିଲକ୍ଷିତ ହୋଇଛି। ଭାଜପାର କେତେ ଜଣ ନେତା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଭାଜପାର ନେତା ଶ୍ରୀମନ୍ତ ତ୍ରିପାଠୀଙ୍କ ହସ୍ତକ୍ଷେପକୁ ନେଇ ବିଷୋଦ୍‌ଗାର କରିଛନ୍ତି। ସୂଚନା ଅନୁସାରେ, ଶନିବାର ନଗର ସଭାପତି ରାଜେଶ ଆଚାର୍ଯ୍ୟ, କରଞ୍ଜିଆ ମଣ୍ଡଳ ସଭାପତି ମଳୟ ମହାପାତ୍ର, ଚମ୍ପୁଆ ଗ୍ରାମୀଣ ମଣ୍ଡଳ ସଭାପତି ଚନ୍ଦ୍ରଶେଖର ମାହନ୍ତଙ୍କ ସମେତ ଭଣ୍ଡା ମଣ୍ଡଳ ସଭାପତି ହେମନ୍ତ ମହାନ୍ତ, ନଗର ସାଧାରଣ ସମ୍ପାଦକ କାର୍ତ୍ତିକ ସାହୁ ପ୍ରମୁଖ ଏକ ଖବରଦାତା ସମ୍ମିଳନୀରେ ଭାଜପାରୁ ନିଲମ୍ବିତ ନେତା ଶ୍ରୀମନ୍ତ ତ୍ରିପାଠୀ ଦଳୀୟ କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକରେ ଯୋଗ ଦେଉଥିବାକୁ ନେଇ ବିରୋଧ କରିଛନ୍ତି।

ଉକ୍ତ ଖବରଦାତା ସମ୍ମିଳନୀର କିଛି ଘଣ୍ଟା ପରେ ଶ୍ରୀମନ୍ତ ମଧ ଖବରଦାତା ସମ୍ମିଳନୀ ଡାକି ନିଜକୁ ଜଣେ ଶୃଙ୍ଖଳିତ କର୍ମୀ ଭାବରେ ଦଳୀୟ କାର୍ଯ୍ୟକ୍ରମରେ ନିୟୋଜିତ ଅଛନ୍ତି ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଦାୟିତ୍ୱ ତୁଲାଉଥିବା କହିଛନ୍ତି। ପୂର୍ବରୁ ଦଳୀୟ ନିର୍ଦ୍ଦେଶ ଅନୁଯାୟୀ ନିଜକୁ ସଭ୍ୟ ସଂଗ୍ରହରେ ସମର୍ପିତ ସଭ୍ୟ ଭାବେ ପଞ୍ଜିକୃତ କରିଛନ୍ତି। ଅଯଥାରେ ତାଙ୍କୁ ବଦ୍‌ନାମ କରାଯାଉଛି। ଯେଉଁମାନେ ବଦନାମ୍ କରୁଛନ୍ତି, ସେମାନେ ଦଳକୁ ଦୁର୍ବଳ କରୁଛନ୍ତି ବୋଲି ଖବରଦାତା ସମ୍ମିଳନୀରେ ଶ୍ରୀମନ୍ତ ସୂଚନା ଦେଇଛନ୍ତି।

### ପୋଖରୀରୁ ବୃଦ୍ଧଙ୍କ ମୃତଦେହ ଜବତ

ପାଟଣା,୧।୩(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ପାଟଣା ପଞ୍ଚାୟତ କୁଆପଶି ଗ୍ରାମର ରାସ୍ତା କଡ଼ ଠାକୁରାଣୀ ଶାଳ ନିକଟରେ ଥିବା ପୋଖରୀରୁ ଶନିବାର ଜଣେ ବୃଦ୍ଧଙ୍କ ମୃତଦେହ ଜବତ ହୋଇଛି। ମୃତକ ଉକ୍ତ ଗ୍ରାମର ନବକିଶୋର ମହାନ୍ତ(୭୦)। ନବ ସକାଳୁ ପୋଖରୀକୁ ଶୌଚ ହେବା ପାଇଁ ଆସି ଫେରି ନ ଥିଲେ। ଖବର ପାଇ ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଡ଼ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ନବଙ୍କ ପୁଅ ଲକ୍ଷ୍ମଣ ବାପାଙ୍କୁ ଜମିବାଡ଼ି ଗଣ୍ଡ ଗୋଳରୁ ହତ୍ୟା କରାଯାଇ ପୋଖରୀରେ ଫିଙ୍ଗି ଦେଇଥିବାର ଅଭିଯୋଗ କରିଛନ୍ତି। ପୋଲିସ ଫରେନ୍ସିକ ଟିମ୍ ଓ ଡ଼ଗ ସ୍କ୍ୱାର୍ଡ ଜରିଆରେ ତଦନ୍ତ କରୁଛି। ପାଟଣା ଥାନାରେ ଏକ ମାମଲା(ନଂ. ୩୩/୨୫)ରୁଜୁ ହୋଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ମହାକୁଡ଼ କହିଛନ୍ତି।

### ବାଲିବରେଇ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ବଉଳା,୧।୩(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ବାଲିବରେଇ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଓ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱଜିତ୍ ରାଉତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ମୁଖ୍ୟବକ୍ତା ବରିଷ୍ଠ ଶିକ୍ଷାବିତ୍ ମୋହନ ମହାନ୍ତି, ସମ୍ମାନିତ ଅତିଥି ସିଆରସିସି ପ୍ରଦୀପ ଦେହୁରୀ, ଅବସରପ୍ରାପ୍ତ ଶିକ୍ଷକ ବୈକୁଣ୍ଠ ରାଉତ, ବିନୋଦ ଜେନା, ନିତ୍ୟାନନ୍ଦ ନାଇକ, କମିଟି ସଭାପତି ବିଶ୍ୱ ବନ୍ଦିତା ସାମଲ ପ୍ରମୁଖ ଉପସ୍ଥିତ ରହିଥିଲେ। କ୍ରୀଡ଼ାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କୈଳାଶ ଚନ୍ଦ୍ର ପ୍ରଧାନ, ମଧୁସୂଧନ ମାଝୀ, ଝରଣା ସାହୁ ଓ କମିଟିର ସଦସ୍ୟା, ସଦସ୍ୟ ସହଯୋଗ କରିଥିଲେ।

# ସଚେତନତା କଲେ, ଭୋକଉପାସରେ ଗଲେ

## କଣ୍ଢେଇ ନୃତ୍ୟଶିଳ୍ପୀଙ୍କୁ ଅପମାନ ଅଭିଯୋଗ

କେନ୍ଦୁଝର,୧।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର କାଳୀପଡ଼ିଆଠାରେ ଚାଲିଥିବା କଳିଙ୍ଗ ହର୍ବାଲମେଳାର ଦ୍ୱିତୀୟ ଦିନରେ କଣ୍ଢେଇ ନୃତ୍ୟଶିଳ୍ପୀଙ୍କୁ ଅପମାନିତ ଅଭିଯୋଗ ହୋଇଛି। କଳାକାର କଣ୍ଢେଇ ନୃତ୍ୟ ମାଧ୍ୟରେ ଲୋକଙ୍କୁ ସଚେତନ କରିଥିଲେ। ମାତ୍ର ବନ ବିଭାଗ ପକ୍ଷରୁ କଳାକାରଙ୍କ ନିମନ୍ତେ ଖାଦ୍ୟ ଓ ପନୀୟ ବ୍ୟବସ୍ଥା କରାଯାଇ ନ ଥିବାରୁ ଭୋଗ ଉପାସରେ ଫେରିଥିବା ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ହର୍ବାଲମେଳା ମଞ୍ଚରେ ବନବିଭାଗ ପକ୍ଷରୁ ଦେବଶିଳ୍ପୀ ବିଶ୍ୱକର୍ମା କଣ୍ଢେଇ ନାଚ ମାଧ୍ୟମରେ ବନ ଔଷଧୀର ପ୍ରସାର ପ୍ରଚାର ନିମନ୍ତେ ନାଟକ ପରିବେଷଣ କରାଯାଇଥିଲା। ନାଟକ ସରିବା ପରେ ଖାଇବା ପିଇବା ବ୍ୟବସ୍ଥା ନ କରି କଳାକାରଙ୍କୁ ଉପବାସରେ ଘରକୁ ପଠେଇ ନିଆଯାଇଥିଲା। ଲୋକନାଟ୍ୟ ମାଧ୍ୟମରେ ଜଙ୍ଗଲ ନିଆଁ ଲିଭାଇବା କାର୍ଯ୍ୟକ୍ରମରେ ମଧ ବରିଷ୍ଠ କଳାକାରଙ୍କୁ ପାଲା, ଦାସକାଠିଆ, ଝୁମର, କିର୍ତ୍ତନ ଦଳଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା ବୋଲି ଅଭିଯୋଗ ଅସିଛି। ବନ ବିଭାଗର ଏତାଦୃଶ୍ୟ ବ୍ୟବହାର ପାଇଁ ଓଡ଼ିଶା ରାଜ୍ୟ ବନ ଔଷଧି ବିଶେଷଜ୍ଞ ମହାସଂଘ ଦ୍ୱାରା ସମ୍ମାନିତ ହୋଇଥିବା 'କଳାରତ୍ନ' କଳାକାର ପ୍ରସନ୍ନ କୁମାର ଦାସଙ୍କ ସହିତ ବିକେଏସ୍‌ଏସ୍ ସଂଘ ଓ ଜିଲା କଳାକାର ସଂଘ ନିନ୍ଦା କରିଛି। ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷ କରାଯିବ ବୋଲି କହିଛନ୍ତି।

# ସିଂହଭୂମିରେ ଓଡ଼ିଆ ଶିକ୍ଷା କାର୍ଯ୍ୟକ୍ରମର ତଦାରଖ




ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସଭାପତି ଓଡ଼ିଆ ସ୍କୁଲ ପରିଦର୍ଶନ କରୁଛନ୍ତି।

କେନ୍ଦୁଝର୧।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

ଝାଡ଼ଖଣ୍ଡ ରାଜ୍ୟର ସିଂହଭୂମି ଜିଲାସ୍ଥିତ ଚକ୍ରଧରପୁର ଅଞ୍ଚଳର ଓଡ଼ିଆ ଶିକ୍ଷା କାର୍ଯ୍ୟକ୍ରମର ତଦାରଖ ପାଇଁ ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସଭାପତି ପ୍ରଫେସର ଡ. ଅଦୈତ୍ୱ ପାତ୍ର ଓ କୋଷାଧ୍ୟକ୍ଷ ଭୀମସେନ ମହାପାତ୍ର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଓଡ଼ିଆ ପ୍ରାଥମିକ ବିଦ୍ୟାଳୟ ଦେଓଗାଁ, ପ୍ରାଥମିକ ବିଦ୍ୟାଳୟ କୁରୁଳିଆ, ଓଡ଼ିଆ ପ୍ରାଥମିକ ବିଦ୍ୟାଳୟ କୋଲଚକଡ଼ା ଓ ଓଡ଼ିଆ ମଧ୍ୟ ବିଦ୍ୟାଳୟ ପୁରୁଣାବସ୍ତିର ଛାତ୍ରୀଛାତ୍ରଙ୍କ ଓଡ଼ିଆ ମାତୃଭାଷା ପାଠ ପଢ଼ା ବିଷୟରେ ତଦାରଖ କରିଥିଲେ। ଓଡ଼ିଆ ମଧ୍ୟ ବିଦ୍ୟାଳୟ ପୁରୁଣାବସ୍ତିରେ ଥିବା ଜିଲାର ସମସ୍ତ ଓଡ଼ିଆ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହିତ ବୈଠକ କରିଥିଲେ। ଓଡ଼ିଆ ମାତୃଭାଷା କିପରି ଅଧିକ ଛାତ୍ରୀଛାତ୍ରମାନେ ପଢ଼ି ଲେଖି ପାରିବେ ତଥା ଓଡ଼ିଆ ଭାଷା ସାହିତ୍ୟ କିପରି ଅଧିକ ଉନ୍ନତ ହେବ ଏହି ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ଝାଡ଼ଖଣ୍ଡ ଅଳ୍ପ ସଂଖ୍ୟକ ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଅଶୋକ ଷଡ଼ଙ୍ଗୀ, ଉତ୍କଳ ସମ୍ମିଳନୀ ପଶ୍ଚିମ ସିଂହଭୂମି ଜିଲାର ସଭାପତି ପ୍ରଦୀପ୍ତ କୁମାର ଦାଶ, ସମ୍ପାଦକ ଅମ୍ବିକା ଚରଣ ଦିକ୍ଷୀତ, ପୂର୍ବତନ ସମ୍ପାଦକ ପୂର୍ଣ୍ଣେନ୍ଦୁ କୁମାର ନନ୍ଦ, ପୂର୍ବତନ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ଷଡ଼ଙ୍ଗୀ, ପ୍ରଧାନଶିକ୍ଷକ ଅରବିନ୍ଦ କୁମ୍ଭକାର, ଓଡ଼ିଆ ଶିକ୍ଷାକର୍ମୀ ରମେଶ ପ୍ରଧାନ, ସନ୍ତୋଷ କୁମ୍ଭକାର, ବାସନ୍ତୀ ମହାନ୍ତ ପ୍ରମୁଖ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।

# ଖଣିଜ ଚୋରା କାରବାର ଘଟଣାରେ ୫ ଗିରଫ, ୪ ଗାଡ଼ି ଜବତ

## ଯୋଡ଼ାରୁ ଭାଇଜାଗ୍‌କୁ ଚେର ଲମ୍ବିଛି

ଯୋଡ଼ା,୧।୩(ମାନସ ମହାନ୍ତି)



ଜବତ ଟ୍ରକ

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ନୟାଗଡ଼ଠାରେ ଜବତହୋଇ ଗଚ୍ଛିତଥିବା ଲୁହାପଥର ଚୋରାଚାଲାଣ ଘଟଣାରେ ବାମେବାରି ପୋଲିସ ୫ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ରାଉରକେଲା ଅଞ୍ଚଳର ରୋହନ ଗୌଡ଼, ଝାଡ଼ଖଣ୍ଡ ଜାମଶେଦପୁରର ରବୀନ୍ଦ୍ର ସିଂ ଭାଟି, ଦୀପକ ସିଂ, କେନ୍ଦୁଝରର ସୁରେନ୍ଦ୍ର ସିଂ, ଚମ୍ପୁଆର ଗୋବିନ୍ଦ ମହାନ୍ତ। ଘଟଣାରେ ଲୁହାପଥର ବୋଝେଇ ୨ ଟ୍ରେଲର, ୨ କାର୍, ୬ ମୋବାଇଲ ଜବତ ହୋଇଥିବା ଆଇଆଇସି ଜୟକେତନ ଭୋଇ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ନୟାଗଡ଼ଠାରେ ଜବତହୋଇ ଗଚ୍ଛିତ ଥିବା ଲୁହାପଥର ଚୋରାଚାଲାଣ ହେଉଥିଲା। ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ରାତି ୯ଟାରେ ନୟାଗଡ଼ ଅଞ୍ଚଳରେ ପଡ଼ିରହିଥିବା ଲୁହାପଥର ସ୍ଥାନରେ ଘେରାଉ କରିଥିଲା। ପୋଲିସକୁ ଦେଖି ଅଭିଯୁକ୍ତମାନେ ଖସି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ସମସ୍ତଙ୍କୁ କାବୁକରି ଗିରଫ କରିଥିଲା। ଘଟଣାସ୍ଥଳରୁ ପୋଲିସ ଲୁହାପଥର ବୋଝେଇ ୨ ଟ୍ରେଲର (ନଂ. ଆର୍ ଜେ ୦୨ଜିବି ୨୫୬୭ ଓ ଜେ ଏଚ୍ ୦୫ସି ଏନ୍ ୩୪୯୪), ୨ କାର୍ (ନଂ. ଓଡି ୧୦ ପି ୦୮୪୮ ଓ ଓଡି ୦୩ ଇ ୨୭୩୭), ୬ ମୋବାଇଲ ଜବତ କରିଛି। ଲୁହାପଥର ଆନ୍ଧ୍ରପ୍ରଦେଶ ରାଜ୍ୟର ବିଶାଖାପାଟଣା ଭାଇଜାଗ୍‌କୁ ଚାଲାଣ ହେଉଥିଲା। ପୋଲିସ ଏକ ମାମଲା (ନଂ.୨୨/୨୦୨୫) ରୁଜୁକରି ୫ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରିଛି। ଖଣିଜ ଚୋରିକୁ ରୋକିବା ପାଇଁ କେନ୍ଦୁଝର ଏସ୍‌ପି ନୀତିନ କୁସଲକର ସମସ୍ତ ଥାନାକୁ ଜିରୋ ଟଲେରାନ୍ସ ନିର୍ଦ୍ଦେଶ ଦେଇଛନ୍ତି। ଏଣୁ ଧରପଗଡ଼କୁ ଜୋର୍‌ଦାର କରାଯାଇଥିବା ପୋଲିସ କହିଛି। ସୂଚନାଯୋଗ୍ୟ, ଖଣି ବିଭାଗ ଦ୍ୱାରା ଜବତ ଲୁହାପଥର ଗଦାଗୁଡ଼ିକରେ ସୁରକ୍ଷା କର୍ମୀ ନ ଥିବାରୁ ଏଥିରେ ଆନ୍ତଃ ରାଜ୍ୟ ଚୋର ବ୍ୟବସାୟୀଙ୍କ ଲୋଲୁପଦୃଷ୍ଟି ପଡ଼ିଛି। ଖଣି ବିଭାଗ ବିଭିନ୍ନ ଅଞ୍ଚଳରେ ପଡ଼ିଥିବା ଅନେକ ଶହ କୋଟି ଟଙ୍କାର ଖଣିଜକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କିମ୍ବା ଓଡ଼ିଶା ଖଣି ନିଗମ ଦ୍ୱାରା ନିଲାମ କରାଇବାକୁ ଦାବି ହେଉଛନ୍ତି। ନଚେତ୍ ବହୁ କୋଟି ଟଙ୍କାର ଖଣିଜ ଚୋରାଚାଲାଣ ହୋଇଯିବ।

# ସରକାରୀ ସ୍କୁଲରୁ ମୁହଁ ଫେରାଉଛନ୍ତି ଅଭିଭାବକ

- ଘରୋଇ ଶିକ୍ଷାନୁଷ୍ଠାନ ପ୍ରତି ଗୁରୁତ୍ୱ ବଢୁଛି
- ଭିତ୍ତିଭୂମି, ଶିକ୍ଷକ ଅଭାବ ମୁଖ୍ୟ ସମସ୍ୟା

କେନ୍ଦୁଝର,୧।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ସରକାରୀ ବିଦ୍ୟାଳୟଗୁଡ଼ିକରେ ଭିତ୍ତିଭୂମି ଓ ଶିକ୍ଷକ ଅଭାବରୁ ପାଠପଢ଼ା ଶୂନ ହୋଇଯାଉଛି। ପୂର୍ବ ସରକାରୀ ୫-ଟି ମାଧ୍ୟମରେ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ କରିବାକୁ ଚେଷ୍ଟା କରିଥିଲେ। ମାତ୍ର ଯୋଜନାରେ ପୁରୁଣା ଘରେ ଚୂନ ମାରି ଅନେକ ଶହ କୋଟି ଟଙ୍କା ଚଳୁ ହୋଇଥିଲେ ହେଁ ସ୍କୁଲ ଅବସ୍ଥା ଯେସାକୁ ତେସା ରହିଛି। ମୁଖ୍ୟ ସମସ୍ୟା ଶିକ୍ଷକ ଅଭାବ ଉପରେ କେହି ଗୁରୁତ୍ୱ ଦେଉନାହାନ୍ତି। ଫଳରେ ଅଭିଭାବକ ସରକାରୀ ସ୍କୁଲକୁ ମୁହଁ ମୋଡ଼ି ଘରୋଇ ଶିକ୍ଷାନୁଷ୍ଠାନକୁ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳିଛି।

ପ୍ରକାଶ ଯେ, ପୂର୍ବ ସରକାର ଦୀର୍ଘ ୨୫ ବର୍ଷ ଶାସନ କାଳରେ ୫-ଟି ଗଠନକରି ଶିକ୍ଷାନୁଷ୍ଠାନଗୁଡ଼ିକରେ ବହୁ କୋଟି ଟଙ୍କା ଖର୍ଚ୍ଚକରି ଶିକ୍ଷାର ଭିତ୍ତିଭୂମି ସୁଦୃଢ଼ କରିଥିବା ଡିଣ୍ଡିମ ପିଟୁଥିଲେ। ମାତ୍ର ଶିକ୍ଷାନୁଷ୍ଠାନଗୁଡ଼ିକର କୌଣସି ଅଗ୍ରଗତି ନ ହୋଇ ତାହା ଭୂତକୋଠିରେ ପରିଣତ ହୋଇଯାଇଛି। ଶିକ୍ଷକ ମରୁଡ଼ି ମୁଖ୍ୟ ସମସ୍ୟା ଭାବେ ଦେଖାଯାଇଥିବା ବେଳେ ଠିକ୍ ତଦାରଖ ହେଉ ନ ଥିବାରୁ ଅନେକ ସ୍କୁଲରେ ଶିକ୍ଷୟିତ୍ରୀଶିକ୍ଷକମାନେ ନିୟମିତ ସ୍କୁଲ ଯାଉନାହାନ୍ତି। ଫଳରେ ବିଦ୍ୟାଳୟଗୁଡ଼ିକରେ ପାଠପଢ଼ା ଠପ୍ ହୋଇଛି। ଅଭିଭାବକମାନେ ସରକାରୀ ସ୍କୁଲରୁ ମୁହଁ ଫେରାଇ ନେଉଛନ୍ତି। ଏହାର ସୁଯୋଗରେ ମାଳ ମାଳ ଘରୋଇ ଶିକ୍ଷାନୁଷ୍ଠାନ ଗଢ଼ି ଉଠିଛି। ସହର ଓ ବ୍ଲକ୍ ମୁଖ୍ୟାଳୟଗୁଡ଼ିକରେ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ସମୟ ସଦୁପଯୋଗ ହେଉଥିବାରୁ ପଢ଼ା ଠିକ୍ ହେଉଥିବା ଦେଖିବାକୁ ମିଳିଛି। କିନ୍ତୁ ମୁଖ୍ୟାଳୟଗୁଡ଼ିକୁ ଛାଡ଼ିଦେଲେ ଶତକଡ଼ା ୯୦ଭାଗ ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ ଠିକ୍ ସମୟରେ ସ୍କୁଲରେ ପହଞ୍ଚୁନାହାନ୍ତି। ମାତ୍ର ଉପସ୍ଥାନ ଖାତାରେ ଦସ୍ତଖତ ମାରି ବିଭିନ୍ନ ବାହାନାକରି ଛୁ ମାରୁଥିବା ଦେଖିବାକୁ ମିଳିଛି। ଜିଲାର କାଞ୍ଜିପାଣି, ହରିଚନ୍ଦନପୁର, ତେଲକୋଇ, ଯୋଡ଼ା, ବଡ଼ବିଲ, ଗୁଆଲୀ, ବାମେବାରୀ, ପାଟଣା, ସାହାରପଡ଼ା, ଘଟଗାଁ, ପଣ୍ଡାପଡ଼ା, କୁସୁମିତା, କୁମୁଣ୍ଡି, ଶୁଆକାଟି, ଗୋନାସିକା ଆଦି ଅଞ୍ଚଳରେ ଏଭଳି ସମସ୍ୟା ଅଧିକ ଦେଖିବାକୁ ମିଳୁଛି। ଶିକ୍ଷାର ଭିତ୍ତିଭୂମି ଓ ବିକାଶ କରିବା ପାଇଁ ଜଣେ ଦକ୍ଷ ସଚିବ ନିଯୁକ୍ତି କରିବା ଆବଶ୍ୟକ ବୋଲି ସାମାଜିକ କର୍ମୀ ସରୋଜ ସାହୁ କହିଛନ୍ତି। ତେଣୁ ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରେ ଆବଶ୍ୟକ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ନିଯୁକ୍ତି, ଜଣେ ଦକ୍ଷ ଶିକ୍ଷା ସଚିବ ନିଯୁକ୍ତି ଓ ବେନିୟମ ଭାବେ ଗୋଚର ଜମିରେ ଗଢ଼ି ଉଠିଥିବା ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦକରି କାର୍ଯ୍ୟାନୁଷ୍ଠାନ ନେବାକୁ ଯୁବ ଓ ଶ୍ରମ ବିକାଶ ମଞ୍ଚ କେନ୍ଦୁଝରଗଡ଼ ସଭାପତି ରଞ୍ଜନ କୁମାର ବେହେରା, ଉପ ସଭାପତି ସୁରେଶ ଚନ୍ଦ୍ର ପଲେଇ, ସାଧାରଣ ସମ୍ପାଦିକା ଶୈଳବାଳା ପରିଡ଼ା, ପୁଷ୍ପାଞ୍ଜଳି ବେହେରା, ରଞ୍ଜିତା ବେହେରା, ମାଧୁରୀ ମହାନ୍ତ ପ୍ରମୁଖ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

**ସଂକ୍ଷେପରେ**

## ବାଲି, ମୋରମ ବୋଝେଇ ଗାଡ଼ି ଜବତ ଥାନାରେ ୨ ମାମଲା

ଖଇରା, ୧।୩(ଉତ୍କଳବନ୍ଧୁ ପଣ୍ଡା)

ଖଇରା ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ସୋର-କୁପାରୀ ରାସ୍ତାରୁ ଗୋଟିଏ ବାଲି ଓ ଅନ୍ୟ ଏକ ମୋରମ ବୋଝେଇ ଗାଡି ଜବତ କରିଛି । ଉକ୍ତ ଗାଡି ୨ଟି ନାମରେ ୨ଟି ମାମଲା (ନଂ. ୫୭/୨୫ ଓ ୫୮/୨୫) ରୁଜୁ କରାଯାଇଛି । ଏବେ କିଛି ଦିନ ଧରି ସୋର-କୁପାରୀ ଓ ରାଣିତାଲ-କୁପାରୀ ରାସ୍ତାରେ କୁପାରୀ ଓ ବର୍ତ୍ତନା ରାଜସ୍ୱ କ୍ଷେତ୍ର ଅଧୀନ ବେଆଇନ ଭାବେ ମାଙ୍କଡା, ମୋରମ ଚାଲାଣ କରାଯାଉଛି। ସେହିଭଳି ବୈତରଣୀ ନଦୀରୁ ବାଲି ମଧ୍ୟ ଉପରୋକ୍ତ ରାସ୍ତାରେ ବହୁଳ ଭାବରେ ଚୋରାରେ ଚାଲାଣ କରାଯାଉଛି । ପୂର୍ବରୁ ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ ଏସବୁ ବେଆଇନ କାର୍ଯ୍ୟକୁ ଅଣଦେଖା କରି ଆସୁଥିଲା। ଏବେ ନୂଆ କରି ଆସିଥିବା ଥାନା ଅଧିକାରୀଙ୍କ ଦ୍ୱାରା ପ୍ରଥମ ପଦକ୍ଷେପ ଭାବେ ଏହି ବେଆଇନ ପରିବହନ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ୨ଟି ଗାଡ଼ିକୁ ଜବତ କରାଯାଇଛି ।

## ଖଇରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଜାତୀୟ ବିଜ୍ଞାନ ଦିବସ

ଖଇରା, ୧।୩(ଉତ୍କଳବନ୍ଧୁ ପଣ୍ଡା)

ଖଇରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶୁକ୍ରବାର ଜାତୀୟ ବିଜ୍ଞାନ ଦିବସ ପରିଚାଳକ ଦିଲୀପ କୁମାର ଲେଙ୍କାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଖଇରା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ହେମନ୍ତ କୁମାର ବେହେରା ଯୋଗଦେଇ ସମାଜ କଲ୍ୟାଣରେ ବିଜ୍ଞାନର ଅବଦାନ ଉପରେ ଆଲୋକପାତ କରିଥିଲେ। ପରିଚାଳନା କମିଟି ସଭ୍ୟ ଅନୁକୂଳ ଚନ୍ଦ୍ର ଗିରି, ବିଦ୍ୟାମନ୍ଦିର ବିଜ୍ଞାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ମୁଦୁଲି ପ୍ରମୁଖ ଉପସ୍ଥିତ ଅଭିଭାବକଙ୍କୁ ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପଗୁଡ଼ିକୁ ଦେଖାଇଥିଲେ । ମୋଟ ୨୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ନିଉଟନଙ୍କ ପେଣ୍ଡୁଲମ, ବାୟୁ ପ୍ରଦୂଷଣ, ଚୁମ୍ବକୀୟ ଶକ୍ତିରୁ ବିଦ୍ୟୁତ ଶକ୍ତି ଉତ୍ପାଦନ, ଆବର୍ଜନାରୁ ବିଦ୍ୟୁତ ଉତ୍ପାଦନ ଆଦି ବିଷୟ ଉପରେ ପ୍ରସ୍ତୁତ ପ୍ରକଳ୍ପଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। ବିଜ୍ଞାନ ଶିକ୍ଷକ ଷ୍ଟାଲିନ ରାଉତ, ପିୟୁଷ ରାଉତ, ପୂର୍ଣ୍ଣଚନ୍ଦ୍ର ସାହୁ, ଭରତ ଲେଙ୍କା, ଗୁରୁମା ଦୀପାଞ୍ଜଳି ବେହେରା, ସାବିତ୍ରୀ ପଣ୍ଡା, ଉଲ୍ଲାସିନୀ ମହାନ୍ତି, ବନ୍ଦନା ପ୍ରଧାନ ଓ ପୁଷ୍ପାଞ୍ଜଳି ସାମଲ ପ୍ରମୁଖ ସହଯୋଗ କରିଥିଲେ।

## ଭଦ୍ରକ ଏମ୍‌ପି ପ୍ରତିନିଧିଙ୍କୁ ବାହାନଗାରେ ସମ୍ବର୍ଦ୍ଧନା

ବାହାନଗା, ୧।୩(ଅରୂପ୍ କୁମାର ଦାସ)

ଭଦ୍ରକ ଲୋକସଭା ନିର୍ବାଚନମଣ୍ଡଳୀ ଅଧୀନ ବାହାନଗା ବ୍ଲକ ଏମ୍‌ପିଙ୍କ ପ୍ରତିନିଧି ଭାବେ ମନୋନୀତ ହୋଇଛନ୍ତି ଜୟନ୍ତ ମହାନ୍ତି । ତାଙ୍କୁ ବାହାନଗା ବ୍ଲକ ତରଫରୁ ଶୁକ୍ରବାର ଅପରାହ୍ନରେ ସମ୍ବର୍ଦ୍ଧିତ କରାଯାଇଛି। ଜୟନ୍ତ ମହାନ୍ତି ଭାଜପାର ବାହାନଗା ବ୍ଲକର ବରିଷ୍ଠ ନେତା। ସେ ଗତ ଶୁକ୍ରବାର ଅପରାହ୍ନରେ ବ୍ଲକରେ ପହଞ୍ଚିବା ପରେ ବିଡିଓ ନୀଳମାଧବ ସୁନା, ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ଉପାଧ୍ୟକ୍ଷ ବାସନ୍ତୀ ପତିଙ୍କ ସମେତ ନିର୍ବାଚିତ ଦଳୀୟ ସରପଞ୍ଚ ସମିତିସଭ୍ୟମାନେ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ମହାନ୍ତି ଏମ୍‌ପି ପ୍ରତିନିଧି ଭାବେ କରାଯାଇଥିବା ନିର୍ଦ୍ଦେଶପତ୍ରକୁ ବିଡିଓ ସୁନାଙ୍କୁ ପ୍ରଦାନ କରିଥିଲେ। ପରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନହିତକାରୀ ଯୋଜନା କିପରି ଠିକ୍ ଭାବେ ତ୍ୱରାନ୍ୱିତ ଢଙ୍ଗରେ ଲୋକମାନଙ୍କ ନିକଟରେ ପହଞ୍ଚିବ ସେଥିପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ସେ ନିବେଦନ କରିଥିଲେ।

# ଜୀବନଶୈଳୀକୁ ସହଜ କରିଛି ବିଜ୍ଞାନ

ବାଲେଶ୍ୱର, ୧।୩(ବାଞ୍ଛାନିଧି ଦେ)


ପ୍ରଦର୍ଶନୀରେ କୁଳପତିଙ୍କ ସହ ଅତିଥି ଓ ଅଧ୍ୟାପିକାଅଧ୍ୟାପକ।

**ଏଫ୍‌ଏମ୍‌ୟୁରେ ଜାତୀୟ ବିଜ୍ଞାନ ଦିବସ**

■ 'ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ସଂକଳନ' ଲୋକାର୍ପିତ

ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। 'ବିକଶିତ ଭାରତ ପାଇଁ ବିଜ୍ଞାନ ଏବଂ ନବାଚାରରେ ବିଶ୍ୱନେତୃତ୍ୱ ପାଇଁ ଭାରତୀୟ ଯୁବପିଢ଼ିକୁ ସଶକ୍ତ କରିବା' ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରି ସମସ୍ତ ପାଠ୍ୟକ୍ରମ ସହ ବିଜ୍ଞାନ ସଂଶ୍ଳିଷ୍ଟ ରହିଛି ବୋଲି କହିଥିଲେ।

ସ୍ନାତକୋତ୍ତର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ସୁନୀଲ କୁମାର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗଦେଇ 'ବିଜ୍ଞାନ, ସମ୍ବେଦନା ଓ ଦୀପ୍ତିମାନତା' ପ୍ରସଙ୍ଗରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଓ ସୋଆ ବିଶ୍ୱବିଦ୍ୟାଳୟର ସେଣ୍ଟର ଫର ନାନୋ ସାଇନ୍ସ ଆଣ୍ଡ ନାନୋ ଟେକ୍ନୋଲୋଜିର ନିର୍ଦ୍ଦେଶକ ପ୍ରଫେସର ଡ. କୁଳମଣି ପରିଡ଼ା ଯୋଗଦେଇ ବିକଶିତ ଭାରତ ଗଠନରେ ବିଜ୍ଞାନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବିଜ୍ଞାନ ଜୀବନଶୈଳୀକୁ ସରସ ସୁନ୍ଦର ଓ ସହଜ କରିଛି ବୋଲି ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ଡ. ଶୁଭାଶିଷ ବଳଙ୍କୁ 'ଫକୀରମୋହନ ପ୍ରସିଦ୍ଧ ବୈଜ୍ଞାନିକ ପୁରସ୍କାର' ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ପ୍ରଫେସର ଦେବାଶିଷ ପାତ୍ର, ଡ. ଗ୍ରେସ ବାହାଲେନ ମୁଣ୍ଡୁ, ଡ. ମନୋରଞ୍ଜନ ମିଶ୍ର, ଡ. ପ୍ରକାଶ ଚନ୍ଦ୍ର ମିଶ୍ର ଓ ପ୍ରଫେସର ସଚ୍ଚିଦାନନ୍ଦ ଦେହୁରୀଙ୍କୁ ଗବେଷଣା କ୍ଷେତ୍ରରେ ବିଶିଷ୍ଟତା ପ୍ରତିପାଦନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବିଶ୍ୱର ଦୁଇ ପ୍ରତିଶତ ବୈଜ୍ଞାନିକଙ୍କ ମଧ୍ୟରେ ସ୍ଥାନ ପାଇଥିବା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ପ୍ରଫେସର ପଙ୍କଜ କୁମାର ପାଢ଼ୀ, ପ୍ରଫେସର ଗୌରାଙ୍ଗଚରଣ ସାମନ୍ତ ଓ ଡ. ମନୋଜିତ ଭଟ୍ଟାଚାର୍ଯ୍ୟଙ୍କୁ ପୁରସ୍କାର ରାଶି ସହ ସମ୍ମାନିତ କରାଯାଇଥିଲା। ଅତିଥିଙ୍କ ଦ୍ୱାରା 'ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ସଂକଳନ' ପୁସ୍ତକ ଲୋକାର୍ପିତ ହୋଇଥିଲା। ଆୟୋଜିତ ପ୍ରଦର୍ଶନୀ ପ୍ରଦର୍ଶିତ ହୋଇଥିଲା। ସଂଯୋଜକ ଡ. ସନ୍ତୋଷ କୁମାର ଅଗ୍ରୱାଲ ଅତିଥି ପରିଚୟ, ଡ. ବିବେକାନନ୍ଦ ନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଡ. ଅସୀମ ଅମିତାଭ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୁହାଳ ଘରେ ଲାଗିଲା ନିଆଁ

ବାଲେଶ୍ୱର, ୧।୩(ବାଞ୍ଛାନିଧି ଦେ)

■ ପୋଡ଼ି ହୋଇ ଯୁବକ ଗୁରୁତର

■ ୨ ଗୋରୁ, ୨ ଛେଳି ଜୀବନ୍ତ ଦଗ୍ଧ

ବାଲେଶ୍ୱର ଜିଲା ସଦର ବ୍ଲକ ସାର୍ଥା ପଞ୍ଚାୟତ ଅଧୀନ ଗନ୍ଧିଆ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଗ୍ରାମର କୈଳାସ ମାଝୀଙ୍କ ଗୁହାଳ ଘରେ ନିଆଁ ଲାଗି ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ଘଟିଛି। ଗୁହାଳ ଘରେ ନିଆଁ ଲାଗି ୨ଟି ଗୋରୁ, ୨ଟି ଛେଳି ଓ ୧୦ଟି ଦେଶୀ କୁକୁଡ଼ା ଜୀବନ୍ତ ଦଗ୍ଧ ହୋଇଛନ୍ତି। ଗୃହପାଳିତ ପ୍ରାଣୀଙ୍କୁ ବଞ୍ଚାଇବାକୁ ଯାଇ ଘର ମାଲିକ କୈଳାଶ ମାଝିଙ୍କ ପୁଅ ତୋଫାନ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଶନିବାର ସାର୍ଥା ପ୍ରାଣୀଧନ ସହାୟକ କେନ୍ଦ୍ରର ଚିକିତ୍ସକ ପହଞ୍ଚି ଅନ୍ୟ ଆହତ ଗୋରୁଙ୍କ ଚିକିତ୍ସା କରିଥିଲେ। ଗୁହାଳ ଘରେ ଦିଆଯାଇଥିବା ମଶା ଧୂଆଁରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ବସ୍ତା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଇଏନ୍‌ଟି ବିଭାଗ ପକ୍ଷରୁ କର୍ଣ୍ଣର ଅସ୍ଥି ଅସ୍ତ୍ରୋପଚାର ସମ୍ପର୍କିତ କର୍ମଶାଳା


କର୍ମଶାଳାରେ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କ ଗହଣରେ ଅତିଥିଗଣ।

ବାଲେଶ୍ୱର, ୧।୩(ବାଞ୍ଛାନିଧି ଦେ)

■ ଅଂଶଗ୍ରହଣ କଲେ ୩୦ ସ୍ନାତକୋତ୍ତର ଛାତ୍ରୀଛାତ୍ର

■ ମିଳିଲା ଡେମୋ ଅପରେଶନର ସୁଯୋଗ

ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲର କର୍ଣ୍ଣ, ନାସା ଓ ଗଳା(ଇଏନ୍‌ଟି) ବିଭାଗ ଏବଂ ଏଓଆଇ, ଓଡ଼ିଶା ଶାଖାର ମିଳିତ ଆନୁକୂଲ୍ୟରେ ଆୟୋଜିତ ଦୁଇଦିନିଆ କର୍ମଶାଳା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ହାଇଦ୍ରାବାଦର ବରିଷ୍ଠ ପ୍ରଫେସର ଡା. ଜୟପ୍ରକାଶ ରେଡ୍ଡୀ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ କାନରେ ଥିବା ଅସ୍ଥିର କିଭଳି ଅସ୍ତ୍ରୋପଚାର କରାଯାଇପାରିବ ସେ ସମ୍ପର୍କରେ ବିଶେଷଜ୍ଞମାନେ ୩୦ଜଣ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ସଫଳତାର ସହ କିଭଳି ଏହି ଅସ୍ତ୍ରୋପଚାର ହେବ, ତାର ନମୁନା ପ୍ରଦର୍ଶନ କରାଯାଇଥିଲା। ଏଥିସହ ଛାତ୍ରୀଛାତ୍ରଙ୍କୁ ଏଭଳି ଡେମୋ ଅପରେସନ କରିବାର ସୁଯୋଗ ଦିଆଯାଇଥିଲା।

ଉଦ୍‌ଘାଟନୀ ଉତ୍ସବରେ ସଙ୍ଗଠନର ଚେୟାରମ୍ୟାନ ତଥା ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ଅନୀଲ କୁମାର ଦାଶ ପୌରୋହିତ୍ୟ କରି କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସଙ୍ଗଠନର ସମ୍ପାଦକ ଡା. ନୀଳମାଧବ ପୃଷ୍ଟି ମଞ୍ଚ ପରିଚାଳନା କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଶରୀର ଗଠନ ବିଭାଗର ମୁଖ୍ୟ ପ୍ରଫେସର ଡା. ମଧୁସ୍ମିତା ପଣ୍ଡା, ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ନିର୍ମଳ ସାହାଣୀ, ମେଡିକାଲ କଲେଜର ଭାରପ୍ରାପ୍ତ ଡିନ୍ ତଥା ଭାଇସ ପ୍ରିନ୍ସିପାଲ କିରଣ କୁମାର ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ହୋଇ ଓଡ଼ିଶାରେ ପ୍ରଥମଥର ପାଇଁ ଫକୀରମୋହନ ମେଡିକାଲ କଲେଜର ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କ ନିମନ୍ତେ ଏଭଳି ଦୁଇଦିନିଆ କର୍ମଶାଳା ଆୟୋଜନକୁ ସ୍ୱାଗତ କରିଥିଲେ। ଏଓଆଇ ସଙ୍ଗଠନ ପକ୍ଷରୁ ଇଏନଟିର ମିଳିତ ପଦକ୍ଷେପ ଯୋଗୁ ଛାତ୍ରୀଛାତ୍ର ଅନେକ ଲାଭାନ୍ୱିତ ହୋଇପାରିବେ ବୋଲି ବକ୍ତବ୍ୟରେ କହିଥିଲେ।

ସୂଚନା ଯେ, ଏହି କଲେଜ ପ୍ରତିଷ୍ଠା ହେବାର ୭ବର୍ଷ ମଧ୍ୟରେ ଏହି ମେଡିକାଲ କଲେଜର ଇଏନଟି ବିଭାଗ ଜିଲା ଇଏନ୍‌ଟି ଫୋରମ୍, ୨୦୨୨ରେ ଆୟୋଜିତ ରାଜ୍ୟ ସମ୍ମିଳନୀ, ୨୦୨୩ରେ ଲାଇଭ୍ ସର୍ଜିକାଲ୍ କର୍ମଶାଳା ଭଳି ବୈଜ୍ଞାନିକ କାର୍ଯ୍ୟକଳାପ ପାଇଁ ଦୃଷ୍ଟି ଆକର୍ଷଣ କରୁଛି। ଉଦୀୟମାନ ଇଏନଟି ସର୍ଜନଙ୍କ ଦକ୍ଷତା ବୃଦ୍ଧି କରିବା ଏହି କର୍ମଶାଳାର ମୁଖ୍ୟ ଲକ୍ଷ୍ୟ। ଏହି କର୍ମଶାଳାରେ ବହୁ ବରିଷ୍ଠ ଅବସରପ୍ରାପ୍ତ ପ୍ରଫେସର ଉପସ୍ଥିତ ଥିଲେ।

## ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ ନେଇ ମୁହାଁମୁହିଁ

ଜଳେଶ୍ୱର, ୧।୩(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ତହସିଲ ଅଧୀନ ଖୁଆଡ଼ ରାଜସ୍ୱ କାର୍ଯ୍ୟାଳୟ ପୁରୁଣାପାଣି ମୌଜାର ମହୁଡୁମା ଗ୍ରାମରେ ସର୍ବସାଧାରଣ ଜାଗାରେ କିଛି ଲୋକ ଦୀର୍ଘ ୫୦ ବର୍ଷ ହେବ ଦୋକାନ କରି ଗୁଜୁରାଣ ମେଣ୍ଟାଉଛନ୍ତି। ଏହାସହିତ କିଛି ଲୋକ କ୍ୟାବିନ୍ ପକାଇ ସର୍ବସାଧାରଣ ଜାଗାକୁ ଅବରୋଧ କରିରଖିଛନ୍ତି। ଫଳରେ ରଥଯାତ୍ରା ବେଳେ ଯିବା ଆସିବା ଲାଗି ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଗ୍ରାମର ସାମାଜିକ କର୍ମୀ ଅନନ୍ତ ଦାସ ଦୀର୍ଘବର୍ଷ ହେଲା କୋର୍ଟର ଆଶ୍ରୟ ନେବାଠାରୁ ପ୍ରଶାସନିକ ଅଧିକାରୀଙ୍କ ପର୍ଯ୍ୟନ୍ତ ଯାଇ ଜବରଦଖଲ ଉଚ୍ଛେଦ ପାଇଁ ଡିସେମ୍ବର ୨୩ରେ ଜଳେଶ୍ୱର ତହସିଲ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ଏହାପରେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ଜବରଦଖଲ ଉଚ୍ଛେଦ ନେଇ ପ୍ରତିଶ୍ରୁତି ଦେବାରୁ ଅନଶନ ଭଙ୍ଗ କରିଥିଲେ। ପ୍ରତିଶ୍ରୁତିର ୨ମାସ ବିତିଥିଲେ ମଧ୍ୟ ଉକ୍ତ ଜବରଦଖଲ ହଟାଇବା ପାଇଁ ଜଳେଶ୍ୱର ତହସିଲ ପକ୍ଷରୁ ନୋଟିସ୍ କରାଯାଇ କାମ ସାରିଦିଆଯାଇଛି। ତେଣୁ ଉଚ୍ଛେଦ ନ ହେବାରୁ ଚଳିତମାସ ୧୦ତାରିଖରୁ ସାମାଜିକ କର୍ମୀ ଅନନ୍ତ ଦାସ ଜଳେଶ୍ୱର ତହସିଲ ସମ୍ମୁଖରେ ଆମରଣ ଅନଶନରେ ବସିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଜବରଦଖଲ ଦୋକାନୀଙ୍କ ପରିବାର ଏହି ଦୋକାନ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଛନ୍ତି। ତେଣୁ ଜବରଦଖଲ ଉଚ୍ଛେଦ ହେଲେ ଏହି ପରିବାରମାନେ ରାଜରାସ୍ତାକୁ ଆସିଯିବେ। ଉଚ୍ଛେଦ ପୂର୍ବରୁ ଦୋକାନ ପାଇଁ ଜାଗା ଯୋଗାଇ ଦେବା ପାଇଁ ବ୍ୟବସାୟୀମାନେ ଅନୁରୋଧ କରିଛନ୍ତି। ଥଇଥାନ କରା ନ ଗଲେ ଧାରଣାରେ ବସିବେ ବୋଲି ଦୋକାନୀଙ୍କ ପରିବାର ପକ୍ଷରୁ ଚେତାବନୀ ଦିଆଯାଇଛି।

# ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ



ମଞ୍ଚାସୀନ ଅତିଥିଗଣ।

ପଞ୍ଚଲିଙ୍ଗେଶ୍ୱର, ୧।୩(ଲେଲିନ୍ କୁମାର ଦେ)

ନୀଳଗିରି ବ୍ଲକ ସନ୍ତରାଗଡ଼ିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ସଭାରେ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ କମଳଲୋଚନ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଖ୍ୟାତ ପଦାର୍ଥ ବିଜ୍ଞାନୀ ଡ. ଶ୍ରୀନିବାସ ସିଂ ଆମ ଚତୁଃପାର୍ଶ୍ୱର ପ୍ରକୃତିରେ ବିଜ୍ଞାନ ସକାଳ ଉଠିବାଠାରୁ ରାତିରେ ଶୋଇବା ପର୍ଯ୍ୟନ୍ତ ଭରି ରହିଛି ଏବଂ ବିଜ୍ଞାନ ବିନା ବଞ୍ଚିବା ଅସମ୍ଭବ। ତେଣୁ ବିଜ୍ଞାନ ପ୍ରତି ପିଲାମାନଙ୍କର ଜିଜ୍ଞାସା ରହିବା ଉଚିତ୍ ବୋଲି ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବୈଜ୍ଞାନିକ ମଧୁସ୍ମିତା ସିଂ ଯୋଗଦେଇ ଖାଲି ସମୟରେ ପିଲାମାନେ ମନକୁ ଜିଜ୍ଞାସାଯୁକ୍ତ କଲେ ବିଜ୍ଞାନର ଅଗ୍ରଗତି ହୋଇପାରିବ ବୋଲି ପିଲାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଛୋଟବେଳୁ ବିଜ୍ଞାନ ପ୍ରତି ଆଗ୍ରହ ମନୋଭାବ ରଖିବାକୁ ଉପଦେଶ ଦେଇଥିଲେ। ବିଦ୍ୟାଳୟ ସମ୍ପାଦକ ଯୁଧିଷ୍ଠିର ନନ୍ଦ ସ୍ୱାଗତ ବକ୍ତବ୍ୟ ଦେଇଥିଲେ।

# କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ପୋଲିସ

**ପଞ୍ଚାୟତ ସମିତି ବୈଠକରେ ସରପଞ୍ଚଙ୍କୁ ଆକ୍ରମଣ ଘଟଣା**

**ଆନ୍ଦୋଳନ ଚେତାବନୀ ଦେଲା ବିଜେଡି**

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୧।୩-ବାଲିଆପାଳ ବ୍ଲକ ସଭାଗୃହରେ ଶୁକ୍ରବାର ଆୟୋଜିତ ବିକଶିତ ଗାଁ ବିକଶିତ ଯୋଜନାର କାର୍ଯ୍ୟକାରିତା ନେଇ ଆୟୋଜିତ ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକରେ ମାର୍‌ପିଟ୍‌ରେ ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତିଙ୍କ ମୁଣ୍ଡ ଫାଟିବା ସହ ବାଲିଆପାଳ ବ୍ଲକ ବିଜେଡି ଯୁବ ସଭାପତି ସଂଗ୍ରାମ ପରିଡ଼ା ଆହତ ହୋଇଥିଲେ। ଶାସକ ଦଳର ଏଭଳି କାର୍ଯ୍ୟକଳାପକୁ ଶନିବାର ସ୍ଥାନୀୟ ଗେଷ୍ଟ ହାଉସରେ ବିଜେଡି ତରଫରୁ ଅୟୋଜିତ ଖବରଦାତା ସମ୍ମିଳନୀରେ ବିରୋଧ କରାଯାଇଛି। ବିଜେଡି ବାଲିଆପାଳ ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ ସଭାପତିତ୍ୱ କରିଥିଲେ। ବସ୍ତା ବିଧାୟିକା ସୁବାସିନୀ ଜେନା ଓ ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଏହି ଘଟଣାର ଦୃଢ଼ ନିନ୍ଦା କରିଥିଲେ। ଏଭଳି ଘଟଣା କେବେ ଘଟି ନ ଥିଲା। ଘଟଣାର ୨୪ ଘଣ୍ଟା ପରେ ବି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନ ଜୋରଦାର ହେବ ବୋଲି ଚେତାବନୀ ଦେଇଥିଲେ।

# ମା' ଅନ୍ଧାରୀ ମଙ୍ଗଳାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ରେମୁଣା, ୧।୩(ରବୀନ୍ଦ୍ର ମହାକୁଡ଼)


କଳସ ଶୋଭାଯାତ୍ରାରେ ସାମିଲ ମହିଳା।

ରେମୁଣା ବ୍ଲକ ତେନ୍ତୁଳିଦା ପଞ୍ଚାୟତ ଅନ୍ତର୍ଗତ ଐତିହାସିକ ଗ୍ରାମ ବୋଇତବାଙ୍କରେ ଶନିବାର ମା' ଅନ୍ଧାରି ମଙ୍ଗଳାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶୁଭାରମ୍ଭ ହୋଇଛି। ଏହି ଅବସରରେ ଗ୍ରାମର ୧୦୮ ମହିଳାପୁରୁଷଙ୍କୁ ନେଇ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମା'ଙ୍କ ଆସ୍ଥାନରୁ ଘଟ ନେଇ ପୁଣ୍ୟତୋୟା ସୋନ ନଦୀର ମହାଦେବପାଳ ଘାଟ ପର୍ଯ୍ୟନ୍ତ ସଙ୍କୀର୍ତ୍ତନ ମଣ୍ଡଳୀଙ୍କ ସହ ଶତାଧିକ ଗ୍ରାମବାସୀ ଯାଇଥିଲେ। ସେଠାରୁ ଘଟ ଉତ୍ତୋଳନ ପରେ ଏକ ବିଶାଳ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ସୋତ୍ରୀୟ ବ୍ରାହ୍ମଣମାନଙ୍କ ଦ୍ୱାରା ଅଧିବାସ ଓ ପୂଜା କାର୍ଯ୍ୟ ଆରମ୍ଭ ହୋଇଛି। ଦୁଇଦିନ ବ୍ୟାପୀ ଚଣ୍ଡୀ ପାଠ, ହୋମଯଜ୍ଞ, ଷୋଡ଼ଷ ଉପଚାର ପୂଜା ଅନୁଷ୍ଠିତ ହେବ। ପରେ ଗ୍ରାମ ତଥା ଆଖପାଖ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ପ୍ରସାଦସେବନ କରିଥିଲେ। ଦୁଇଦିନ ବ୍ୟାପୀ ଅଖଣ୍ଡ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହେବ। ପୂଜକ କରୁଣାକର ଦାଶ, ଚନ୍ଦ୍ରକାନ୍ତ ରଥ ଓ ଅକ୍ଷୟ କୁମାର ପଣ୍ଡା ପୂଜା କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ସମସ୍ତ ଗ୍ରାମବାସୀ ସହଯୋଗ କରୁଛନ୍ତି।

# କୃଷକର ଆର୍ଥିକ, ସାମାଜିକ ସ୍ଥିତିକୁ ସୁଦୃଢ଼ କରିଛି ସମବାୟ ସମିତି

ଭୋଗରାଇ, ୧।୩(ପ୍ରଦୀପ ଦାସ)

ସମବାୟ ସମିତି ଗଠନ ହେବାଠାରୁ କୃଷି ଓ କୃଷକର ଉନ୍ନତି ସାଧିତ ହୋଇଥିବା ବେଳେ କୃଷକର ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ପରିବର୍ତ୍ତନ ହୋଇଛି ବୋଲି ଶୁକ୍ରବାର ଆୟୋଜିତ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ପୁରୁଷୋତ୍ତମପୁର ସେବା ସମବାୟ ସମିତିର ବାର୍ଷିକ ଉତ୍ସବରେ ବିଶିଷ୍ଟ ଅତିଥିମାନେ ମତପ୍ରକାଶ କରିଛନ୍ତି। ସମିତି ସଭାପତି ଦେବାଶିଷ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଧାରଣ ସଭାରେ ବ୍ୟଙ୍ଗକବି ଡ. ଶ୍ରୀକୁମାର ଘୋଷ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ସମବାୟ ସମିତିର ସମ୍ପାଦକ ଗଣପତି ସେନାପତି ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ମୁଖ୍ୟବକ୍ତା ଭାବେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଗଣେଶ ଚନ୍ଦ୍ର ଦାସ ମହାପାତ୍ର, ସମ୍ମାନିତ ଅତିଥି ନାବାର୍ଡର ଅବସରପ୍ରାପ୍ତ ମହାପ୍ରବନ୍ଧକ ରଞ୍ଜିତ କୁମାର ଦାସ, ବିବିସିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଶଙ୍କର, ଏଆର୍‌ସିସି ସୀମା ମୁର୍ମୁ, ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଆଶିଷ ପାତ୍ର, ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀ ବସନ୍ତ କୁମାର ଗିରି, ଜେଆର୍‌ସିସି ଶମ୍ଭୁନାଥ ନାୟକ, ବିଶିଷ୍ଟ ବକ୍ତା ଆଶିଷ କୁମାର ଦାସ, ସଞ୍ଜୀବ କୁମାର ସାହୁ, ଉପସଭାପତି ମଞ୍ଜୁଲତା ସାହୁ ପ୍ରମୁଖ ଯୋଗଦେଇଥିଲେ।

# ପ୍ରଧାନଶିକ୍ଷକଙ୍କୁ ସେବାନିବୃତ୍ତ ସମ୍ବର୍ଦ୍ଧନା

ଖଇରା, ୧।୩(ଉତ୍କଳବନ୍ଧୁ ପଣ୍ଡା)


ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି।

ବାଲେଶ୍ୱର ଜିଲା ଖଇରା ବ୍ଲକ ସୁଣ୍ଢିରା ପଞ୍ଚାୟତ ଅଧୀନ ନୂଆସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ବାରିକଙ୍କୁ ଶୁକ୍ରବାର ସେବା ନିବୃତ୍ତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।

ଏହି ଅବସରରେ ପ୍ରାକ୍ତନ ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜଳିକା ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅଲୋଷ୍ଟା ରାଜ୍ୟ ସଭାପତି ବିଜୟ କୁମାର ଦ୍ୱିବେଦୀ, ଖଇରା ଶାଖା ସମ୍ପାଦକ ଶଙ୍କର୍ଷଣ ଜେନା, ସିଆରସିସି ଅଶୋକ କୁମାର ଦାସ, ପରିଚାଳନା କମିଟି ସଭାପତି ରବୀନ୍ଦ୍ର କୁମାର ନାୟକ, ଇଂଲିଶ ଅଧ୍ୟାପକ ଅଭିମନ୍ୟୁ ମାହୁନ୍ତ, ଶିକ୍ଷକ ନେତା ଚିତ୍ତରଞ୍ଜନ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ପଣ୍ଡା, ସରପଞ୍ଚ ମମତାରାଣୀ ପରିଡା ଓ ସମିତିସଭ୍ୟ ନଳିନୀକାନ୍ତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ବିଦ୍ୟାଳୟର ସୁନାମ ପାଇଁ ସବୁବେଳେ ପ୍ରୟାସ କରୁଥିଲେ। ଏଣୁ ତାଙ୍କର ଏହି ତ୍ୟାଗକୁ ଗ୍ରାମବାସୀ, ଛାତ୍ରୀଛାତ୍ର ସବୁଦିନ ପାଇଁ ମନେରଖିବେ ବୋଲି ଅତିଥିମାନେ କହିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ବାସନ୍ତୀଲତା ନାୟକ, ସ୍ନେହଲତା ପରିଡା, ତୁଳସୀ ପରିଡା, ଉଷାରାଣୀ ନାୟକ, ସୁଜାତା ମିଶ୍ର, ସୁଜିତ କୁମାର ଯେନା, ଦେଶବନ୍ଧୁ ମହାପାତ୍ର ପ୍ରମୁଖ ଅନ୍ୟତମ ବକ୍ତା ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ର, ପରିଚାଳନା କମିଟି ତରଫରୁ ବିଦାୟୀ ପ୍ରଧାନଶିକ୍ଷକଙ୍କୁ ଉପଢୌକନ ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା।

# 'ଆଶା କର୍ମୀ ହିଁ ସ୍ୱାସ୍ଥ୍ୟ ସଚେତନତାର ବାର୍ତ୍ତାବହ'

ବାଲେଶ୍ୱର, ୧।୩(ବାଞ୍ଛାନିଧି ଦେ)

**ଜିଲାସ୍ତରୀୟ ଆଶା, ଜିକେଏସ୍ ଏବଂ ଜେଏଏସ୍ ସମ୍ମିଳନୀ**




ବାଲେଶ୍ୱର ଜିଲା ସ୍ୱାସ୍ଥ୍ୟସମିତି ଆନୁକୂଲ୍ୟରେ ସ୍ଥାନୀୟ ଗୋପାଳଗାଁସ୍ଥିତ ଆୟୁଷ୍ମାନ ଭବନ ପରିସରରେ ଶନିବାର ଜଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି (ଜିକେଏସ୍) ଏବଂ ଜନ ଆରୋଗ୍ୟ ସମିତି (ଜେଏଏସ୍) ସମ୍ମିଳନୀ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ତୃଣମୂଳସ୍ତରରେ ଆଶାକର୍ମୀମାନେ ସ୍ୱାସ୍ଥ୍ୟ ସଚେତନତାର ବାର୍ତ୍ତାବହ। ପ୍ରସୂତି, ଶିଶୁ-ମାତୃ ମୃତ୍ୟୁହାର ରୋକିବା, ପୋଲିଓ ଓ କରୋନା ଟୀକାକରଣ ଆଦି ସ୍ୱାସ୍ଥ୍ୟ ବିଭାଗର ପ୍ରତ୍ୟେକ କାର୍ଯ୍ୟକ୍ରମ ସଫଳ କରିବାରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣବୋଲି ବିଧାୟକ ବକ୍ତବ୍ୟରେ କହିଥିଲେ।

ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଗୋପୀନାଥ ପରିଡ଼ା ଏହି ସମ୍ମିଳନୀରେ ଅଧ୍ୟକ୍ଷତା କରି ଜିଲାରେ ଆଶାକର୍ମୀଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିଥିଲେ। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସ୍ୱାଗତ ବକ୍ତବ୍ୟ ଦେଇ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଯୋଜନାକୁ ସଫଳ କରିବାରେ ଆଶାକର୍ମୀଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଡା. ସୁଶାନ୍ତ ନାୟକ, ଡା. ପରେଶ ଚନ୍ଦ୍ର ନନ୍ଦୀ, ଡା. ରଞ୍ଜନ କୁମାର ନାୟକ, ଡା. ସଞ୍ଜିବ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ହୋଇ 'ସ୍ୱାସ୍ଥ୍ୟ ସେବାରେ ଗୋଷ୍ଠୀ ସହଭାଗିତା' ବିଷୟବସ୍ତୁ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ୧୨ଟି ବ୍ଲକର ଶ୍ରେଷ୍ଠ ୧୨ ଆଶାକର୍ମୀ, ୧୨ ସୁସ୍ଥ ଗାଁ ଓ ୧୧ ଜନ ଆରୋଗ୍ୟ ସମିତିକୁ ମାନପତ୍ର ସହ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଡିପିଏମ୍ ଅନୀଲ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ନୃତ୍ୟ, ସଙ୍ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଜିଲା ଆକାଉଣ୍ଟସ ମ୍ୟାନେଜର ସୁରେନ୍ଦ୍ର ସାହୁ, ଏଲିନା ସାମଲ, ସୂର୍ଯ୍ୟଜିତ୍ ରାୟ, ବିଶ୍ୱରଞ୍ଜନ ନାୟକ, ମାନସ କୁମାର ସାମନ୍ତ ଓ ସଞ୍ଜୟ କୁମାର ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

